रजिस्ट्री सं॰ डी-221

REGISTERED No. D.-221
ରେଜିଷ୍ଟ୍ରି ସଂ. ଡି.-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII—ଖଣ୍ଡ I

प्राधिकार से प्रकाशित
PUBLISHED BY THE AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI MONDAY APRIL 5, 1999 CHAITRA 15, 1921 (SAKA) VOL. 6

ସଂ 1 ନୂଆଦିଲ୍ଲୀ ସୋମବାର ଅପ୍ରେଲ 5, 1999 ଚୈତ୍ର 15, 1921 (ଶକ) ଗ୍ରନ୍ଥଖଣ୍ଡ 6

## MINISTRY OF LAW, JUSTICE AND COMPANY AFFAIRS

**(Legislative Department)**

*New Delhi, dated the 5th April 1999/15 Chaitra, 1921 (SAKA)*

The Translation in Oriya of the following:—

(1) The Indian Partnership Act, 1932, (2) The Indian Boilers Act, 1923, (3) The Registration of Births and Deaths Act, 1969, (4) The War Injuries Compensation Insurance Act, 1943, (5) The Maternity Benefit Act, 1961, (6) The United Nations (Privileges and Immunities) Act, 1947, (7) The Exchange of Prisoners Act, 1948, (8) The Trading with the Enemy (Continuance of Emergency Provisions) Act, 1947, (9) The Indian Works of Defence Act, 1903, (10) The Oaths Act, 1969, (11) The Employers Liability Act, 1938, (12) The Coroners Act, 1871, (13) The Hindu Adoption

and Maintenance Act, 1956, (14) The Births, Deaths and Marriages Registration Act, 1886, (15) The Industrial Disputes (Banking Companies) Decision Act, 1955, (16) The Employment Exchange (Compulsory Notification of Vacancies) Act, 1959, (17) The Estate Duty Act, 1953, (18) The Representation of Peoples Act, 1950, (19) The Indian Limitation Act, 1963, (20) The Guardian and Wards Act, 1890, (21) The Motor Transport Workers Act, 1961, (22) The Payment of Wages Act, 1936, are hereby published under the authority of the President and shall be deemed to be the Authoritative Texts thereof in Oriya under clause (a) of section 2 of the Authoritative Texts (Central Laws) Act, 1973 (50 of 1973).

## ଵଧି ଓ ନ୍ୟାୟ ମନ୍ତ୍ରଣାଳୟ

### (ବିଧାୟୀ ବିଭାଗ)

### ନୂଆଦିଲ୍ଲୀ

(1) ଦି ଇଣ୍ଡିଆନ୍ ପାର୍ଟନରସିପ୍ ଏକ୍ଟ, 1932, (2) ଦି ଇଣ୍ଡିଆନ୍ ବୟଲରସ୍ ଏକ୍ଟ, 1923, (3) ଦି ରେଜିଷ୍ଟ୍ରେସନ୍ ଅଫ୍ ବାର୍ଥ ଆଣ୍ଡ ଡେଥ ଏକ୍ଟ, 1969, (4) ଦି ୱାର ଇନ୍‌ଜୁରିଜ୍ (କମ୍ପେନ୍‌ସେସନ ଇନ୍‌ସୁରାନ୍‌ସ) ଏକ୍ଟ, 1943, (5) ଦି ମେଟାରନିଟି ବେନେଫିଟ୍ ଏକ୍ଟ 1961, (6) ଦି ଇଉନାଇଟେଡ୍ ନେସନ୍‌ସ (ପ୍ରିଭିଲେଜେସ୍ ଆଣ୍ଡ ଇମ୍ୟୁନିଟିଜ୍) ଏକ୍ଟ, 1947, (7) ଦି ଏକ୍‌ସଚେନଜ ଅଫ୍ ପ୍ରିଜିନରସ୍ ଏକ୍ଟ, 1948, (8) ଦି ଟ୍ରେଡ଼ିଂଗ୍ ଉଇଥ୍ ଦି ଏନ୍‌ମି (କନ୍‌ଟିନ୍ୟୁୟାନସ୍ ଅଫ୍ ଏମରର୍ଜେନ୍‌ସି ପ୍ରୋଭିଜନସ) ଏକ୍ଟ, 1947, (9) ଦି ଇଣ୍ଡିଆନ ୱାର୍କସ୍ ଅଫ୍ ଡ଼ିଫେନସ୍ ଏକ୍ଟ, 1903, (10) ଦି ଓଥ୍‌ସ୍ ଏକଟ, 1969, (11) ଦି ଏମ୍ପ୍ଲୟିଜ୍ ଲଇୟାବିଲିଟି ଏକ୍ଟ, 1938, (12) ଦି କୋଗେନରସ ଆକ୍ଟ, 1871, (13) ଦି ହିଂଦୁ ୟାଡପଶନ୍ ଏଣ୍ଡ ମେନ୍‌ଟିନ୍ୟାନ୍‌ସ ଏକ୍ଟ, 1956, (14) ଦି ବାର୍ଥସ, ଡେଥସ୍ ଏଣ୍ଡ ମ୍ୟାରିଜେସ୍ ରେଜିଷ୍ଟ୍ରେସନ୍ ଏକ୍ଟ, 1886, (15) ଦି ଇଣ୍ଡଷ୍ଟ୍ରିଆଲ ଡିସ୍‌ପିଉଟସ୍ (ବ୍ୟାକିଂ କମ୍ପାନିଜ) ଡିସିସନ୍ ଏକ୍ଟ, 1955, (16) ଦି ଏମ୍ପ୍ଲୟମେଣ୍ଟ ଏକ୍‌ସଚେଞ୍ଜ (କଂପଲସରି ନୋଟିଫିକେସନ ଅଫ୍ ଭେକାନ୍‌ସିଜ) ଏକ୍ଟ, 1959 (17) ଦି ଇଷ୍ଟେଟ ଡିଉଟି ଏକ୍ଟ, 1953, (18) ଦି ରିପ୍ରେଜେନଟେସନ ଅଫ୍ ପିପୁଲସ୍ ଏକଟ, 1950, (19) ଦି ଇଣ୍ଡିଆନ୍ ଲିମିଟେସନ ଏକ୍ଟ, 1963, (20) ଦି ଗାର୍ଡିୟାନ୍ ଆଣ୍ଡ ଓୟାର୍ଡସ୍ ଏକ୍ଟ, 1890, (21) ଦି ମୋଟର ଟ୍ରାନ୍‌ସ୍‌ପୋର୍ଟ ୱାକରସ ଏକ୍ଟ, 1961, (22) ଦି ପେମେଣ୍ଟ ଅଫ୍ ୱେଜେସ୍ ଏକ୍ଟ, 1936 ର ନିମ୍ନଲିଖିତ ଓଡ଼ିଆ ଅନୁବାଦ ରାଷ୍ଟ୍ରପତିଙ୍କର ପ୍ରାଧିକାର ଅନୁଯାୟୀ ଏତଦ୍ୱାର ପ୍ରକାଶିତ ହେଉଅଛି ଏବଂ ଏହା ପ୍ରାଧିକୃତ ପାଠ (କେନ୍ଦ୍ରୀୟ ବିଧି) ଅଧିନିୟମ, 1973 (1973 ର 50)ର ଧାର 2 ର ଖଣ୍ଡ (କ) ଅନୁଯାୟୀ ଓଡ଼ିଆ ଭଷାରେ ସେଗୁଡ଼ିକର ପ୍ରାଧିକୃତ ପାଠ ବୋଲି ବିବେଚିତ ହେବ ।

# ପରସୀମା ଅଧିନିୟମ, 1963

( 1963 ର 36 )

**ମକଦ୍ଦମା ଏବଂ ଅନ୍ୟ କାର୍ଯ୍ୟବିଧାନଙ୍କର ପରସୀମା ଏବଂ ତତ୍ ସଂପୃକ୍ତ ପ୍ରୟୋଜନାର୍ଥ ବିଧିକୁ ଏକତ୍ର କରିବା ଏବଂ ସଂଶୋଧନ କରିବା ନିମିତ୍ତ ଏକ ଅଧିନିୟମ**

( 5 ଅକ୍ଟୋବର, 1963 )

ଭାରତ ଗଣରାଜ୍ୟର ଚତୁର୍ଦ୍ଦଶ ବର୍ଷରେ ସଂସଦ ଦ୍ୱାରା ନିମ୍ନୋକ୍ତରୂପେ ଏହା ଅଧିନିୟମିତ ହେଲା ।

## ଭାଗ I

## ପ୍ରାରମ୍ଭିକ

**ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।**

1. (1) ଏହି ଅଧିନିୟମ ପରିସୀମା ଅଧିନିୟମ, 1963 ନାମରେ ଅଭିହିତ ହେବ ।

(2) ଜାମ୍ମୁ ଏବଂ କାଶ୍ମୀର ରାଜ୍ୟ ଭିନ୍ନ ଏହା ସମଗ୍ର ଭାରତ ପ୍ରତି ବିସ୍ତୃତ ।

(3) କେନ୍ଦ୍ର ସରକାର, ସରକାରୀ ଗେଜେଟରେ ଅଧିସୂଚନା ଦ୍ୱାରା ଯେଉଁ ତାରିଖ ନିୟତ କରିବେ ଏହା ସେହି ତାରିଖରେ ପ୍ରବୃତ୍ତ ହେବ ।

**ସଂଜ୍ଞା**

2. ପ୍ରସଙ୍ଗ ଅନ୍ୟଥା ଆବଶ୍ୟକ ହେଉନଥିଲେ ଏହି ଅଧିନିୟମରେ –

(କ) ନିମ୍ନଲିଖିତ ବ୍ୟକ୍ତିମାନେ "ଆବେଦନକାରୀ" ଶବ୍ଦର ଅନ୍ତର୍ଗତ ଅଟନ୍ତି –

(i) ଅର୍ଜିଦାର,

(ii) ଯେଉଁ ବ୍ୟକ୍ତିଙ୍କଠାରୁ ବା ଯାହାଙ୍କ ମାଧ୍ୟମରେ ଆବେଦନକାରୀ, ଆବେଦନକରିବା ପାଇଁ ନିଜର ଅଧିକାର ବ୍ୟୁତ୍ପନ୍ନ କରନ୍ତି ସେହି ବ୍ୟକ୍ତି,

(iii) ଯେଉଁ ବ୍ୟକ୍ତିଙ୍କ ମାହାଲ ଆବେଦନକାରୀଙ୍କ ଦ୍ୱାରା ନିଷ୍ପାଦକ, ପ୍ରଶାସକ ବା ଅନ୍ୟ ପ୍ରତିନିଧି ରୂପେ ପ୍ରତିନିଧିତ୍ୱ କରାଯାଉଥାଏ, ସେହି ବ୍ୟକ୍ତି ;

(ଖ) "ଆବେଦନ"ରେ ଅର୍ଜି ଅନ୍ତର୍ଗତ ଅଟେ ;

(ଗ) "ବିନିମୟ ପତ୍ର" ହୁଣ୍ଡି ଓ ଚେକ୍‌କୁ ଅନ୍ତର୍ଗତ କରେ ;

(ଘ) "ବନ୍ଧପତ୍ର" ଏପରି କୌଣସି ବିଲେଖକୁ ଅନ୍ତର୍ଗତ କରେ, ଯଦ୍ୱାରା କୌଣସି ବ୍ୟକ୍ତି ଅନ୍ୟକୁ ଧନ ଦେବା ପାଇଁ ନିଜକୁ ଏଭଳି ସର୍ତ୍ତରେ ବାଧ୍ୟତାର ଅଧୀନ କରନ୍ତି ଯେ ଯଦି ଏକ ବିନିର୍ଦ୍ଦିଷ୍ଟ କାର୍ଯ୍ୟ, ଯଥାସ୍ଥିତି, ସଂପାଦନ କରାଯାଏ ବା ସଂପାଦନ କରାନଯାଏ ତାହାହେଲେ ସେହି ବାଧ୍ୟତା ବ୍ୟର୍ଥ ହୋଇଯିବ ;

(ଙ) ନିମ୍ନଲିଖିତ ବ୍ୟକ୍ତିମାନେ 'ପ୍ରତିବାଦୀ' ଶବ୍ଦର ଅନ୍ତର୍ଗତ ଅଟନ୍ତି–

(i) ଯେଉଁ ବ୍ୟକ୍ତିଙ୍କଠାରୁ ବା ଯାହାଙ୍କ ମାଧ୍ୟମରେ ପ୍ରତିବାଦୀଙ୍କ ନିଜ ବିରୁଦ୍ଧରେ ନାଲିସ ଅଣାଯିବାର ଦାୟିତ୍ୱ ବ୍ୟୁତ୍ପନ୍ନ ହୁଏ ସେହି ବ୍ୟକ୍ତି,

(ii) ଯେଉଁ ବ୍ୟକ୍ତିଙ୍କର ମାହାଲ, ପ୍ରତିବାଦୀଙ୍କ ଦ୍ୱାରା ନିଷ୍ପାଦକ, ପ୍ରଶାସକ ବା ଅନ୍ୟ ପ୍ରତିନିଧିରୂପେ ପ୍ରତିନିଧିତ୍ୱ କରାଯାଉଥାଏ ସେହି ବ୍ୟକ୍ତି ;

(ଚ) "ସୁଖାଧିକାର" ଚୁକ୍ତିରୁ ଉଦ୍‌ଭୂତ ହେଉନଥିବା କୌଣସି ଅଧିକାରକୁ ଅନ୍ତର୍ଗତ କରେ ଯଦ୍ୱାରା କୌଣସି ବ୍ୟକ୍ତି ଅନ୍ୟର ମୃତ୍ତିକାର କୌଣସି ଭାଗକୁ କିମ୍ବା ଅନ୍ୟ ଭୂମିରେ ଉଠିଥିବା କିମ୍ବା ତତସଂଲଗ୍ନ ଅଥବା ତଦୁପରି ଅସ୍ତିତ୍ୱବାନ କୌଣସି ବସ୍ତୁକୁ ଅପସାରିତ କରିବା ଏବଂ ନିଜ ଲାଭ ପାଇଁ ବିନିଯୋଜିତ କରିବା ନିମିତ୍ତ ହକ୍‌ଦାର ଅଟନ୍ତି ;

(ଛ) "ବିଦେଶ" ଅର୍ଥ ଭାରତ ଭିନ୍ନ ଅନ୍ୟ ଯେକୌଣସି ଦେଶ ;

(ଜ) "ସଦ୍‌ବିଶ୍ୱାସ" ଯେଉଁ ବିଷୟ ସମ୍ୟକ ସତର୍କତା ଓ ଧ୍ୟାନ ସହିତ କରାଯାଇନଥାଏ ତାହା ସଦ୍‌ବିଶ୍ୱାସ ପୂର୍ବକ କରାଯାଇନାହିଁ ବୋଲି ବିବେଚିତ ହେବ ;

(ଝ) ନିମ୍ନଲିଖିତ ବ୍ୟକ୍ତିମାନେ 'ବାଦୀ' ଶବ୍ଦର ଅନ୍ତର୍ଗତ ଅଟନ୍ତି —

(i) ଯେଉଁ ବ୍ୟକ୍ତିଙ୍କଠାରୁ ବା ଯାହାଙ୍କ ମାଧ୍ୟମରେ ବାଦୀ ନାଲିସ କରିବା ପାଇଁ ନିଜର ଅଧିକାର ବ୍ୟୁତ୍ପନ୍ନ କରନ୍ତି ସେହି ବ୍ୟକ୍ତି ;

(ii) ଯେଉଁ ବ୍ୟକ୍ତିଙ୍କର ମାହାଲ, ବାଦୀଙ୍କ ଦ୍ୱାରା ନିଷ୍ପାଦକ, ପ୍ରଶାସକ ବା ଅନ୍ୟ ପ୍ରତିନିଧି ରୂପେ ପ୍ରତିନିଧିତ୍ୱ କରାଯାଉଥାଏ ସେହି ବ୍ୟକ୍ତି ;

(ଞ) "ପରିସୀମା କାଳାବଧି" ଅର୍ଥ ସେହି ପରିସୀମା କାଳାବଧି ଯାହାକି କୌଣସି ମକଦ୍ଦମା, ଅପିଲ କିମ୍ବା ଆବେଦନ ନିମିତ୍ତ ଅନୁସୂଚୀ ଦ୍ୱାରା ବିହିତ ହୋଇଥାଏ ଏବଂ "ବିହିତ କାଳାବଧି" ଅର୍ଥ ଏହି ଅଧିନିୟମର ଉପବନ୍ଧମାନଙ୍କ ଅନୁସାରେ ସଂଗଣିତ ପରିସୀମା କାଳାବଧି ;

(ଟ) "ପ୍ରତିଜ୍ଞାପତ୍ର" ଅର୍ଥ ଏକ ବିଲେଖ ଯଦ୍ଦ୍ୱାରା ତାହାର ରଚୟିତା କୌଣସି ଅନ୍ୟ ବ୍ୟକ୍ତିଙ୍କୁ କୌଣସି ବିନିର୍ଦ୍ଦିଷ୍ଟ ଧନରାଶି ତହିଁରେ ପରିସୀମିତ ସମୟରେ କିମ୍ବା ମଗାଯିବା ମାତ୍ରେ ଅଥବା ଦର୍ଶନ ମାତ୍ରେ ଦେବା ପାଇଁ ଆତ୍ୟନ୍ତିକତଃ ବଚନବଦ୍ଧ ହୋଇଥାନ୍ତି ;

(ଠ) "ମକଦ୍ଦମା"ରେ ଅପିଲ ବା ଆବେଦନ ଅନ୍ତର୍ଗତ ନୁହେଁ ;

(ଡ) "ଅପକୃତ୍ୟ" ଅର୍ଥ ଏପରି ସିଭିଲ ଦୋଷ ଅଟେ, ଯାହାକି କେବଳ ମାତ୍ର ଏକ ଚୁକ୍ତି ଭଙ୍ଗ ବା ଏକ ନ୍ୟାସ ଭଙ୍ଗ ନୁହେଁ ;

(ଢ) "ବେନାମୀଦାର" ବନ୍ଧକର ଶୁଝିଟ ପରେ ସଂପତ୍ତିକୁ ଦଖଲରେ ରଖିଥିବା ବନ୍ଧକଗହୀତା କିମ୍ବା ବିନା ହକ୍‌ରେ ଦୋଷାବହ ଦଖଲ ରଖିଥିବା ବ୍ୟକ୍ତି 'ନ୍ୟାସୀ' ଶବ୍ଦର ଅନ୍ତର୍ଗତ ନୁହନ୍ତି ।

## ଭାଗ II

### ମକଦ୍ଦମା, ଅପିଲ ଓ ଆବେଦନଗୁଡ଼ିକର ପରିସୀମା

**ପରିସୀମାର ପ୍ରତିବନ୍ଧ**

3. (1) 4 ଠାରୁ 24 (ସମେତ) ଧାରାମାନଙ୍କରେ ଥିବା ଉପବନ୍ଧମାନଙ୍କ ପ୍ରତି ସାପେକ୍ଷ ରହି, ପ୍ରତିରକ୍ଷା ରୂପେ ପରିସୀମା ବିଷୟ ଉତ୍ଥାପିତ କରାଯାଇନଥିଲେ ମଧ୍ୟ ବିହିତ କାଳାବଧି ପରେ ସଂସ୍ଥିତ ପ୍ରତ୍ୟେକ ମକଦ୍ଦମା, ଆଗତ ହୋଇଥିବା ଅପିଲ ଅଥବା କରାଯାଇଥିବା ଆବେଦନ ଖାରଜ ହୋଇଯିବ ।

(2) ଏହି ଅଧିନିୟମର ପ୍ରୟୋଜନ ନିମିତ୍ତ,—

(କ) ନିମ୍ନମତେ ମକଦ୍ଦମା ସଂସ୍ଥିତ ହୁଏ —

(i) ମାମୁଲି କ୍ଷେତ୍ରରେ ଯେବେ ବାଦପତ୍ର ସମୁଚିତ ଅଧିକାରୀଙ୍କ ସମକ୍ଷରେ ଉପସ୍ଥାପିତ କରାଯାଏ,

(ii) ଜଣେ ନିଃସ୍ୱଙ୍କ କ୍ଷେତ୍ରରେ ଯେବେ ନିଃସ୍ୱଭାବେ ନାଲିସ କରିବା ପାଇଁ ଅନୁମତି ନିମିତ୍ତ ସେ ଆବେଦନ କରିଥାନ୍ତି ;

(iii) ନ୍ୟାୟାଳୟ ଦ୍ୱାରା ପରିସମାପନ କରାଯାଉଥିବା କୌଣସି କମ୍ପାନୀ ବିରୁଦ୍ଧରେ ଦାବି କ୍ଷେତ୍ରରେ ଯେବେ ଦାବିଦାର ଶାସକୀୟ ସମାପକଙ୍କ ନିକଟରେ ପ୍ରଥମ ବାର ଆପଣା ଦାବି ଉପସ୍ଥାପନ କରନ୍ତି;

(ଖ) ମଜୁରା ବା ପ୍ରତିଦାବି ଆକାରରେ କରାଯାଇଥିବା ଯେକୌଣସି ଦାବି ଏକ ପୃଥକ ମକଦ୍ଦମାରୂପେ ଧରାଯିବ ଏବଂ ଏପରି ଦାବି—

(i) ମଜୁରା କ୍ଷେତ୍ରରେ ଯେଉଁ ମକଦ୍ଦମାରେ ମଜୁରାର ପ୍ଲିଡ କରାଯାଇଥିବ, ସେହି ମକଦ୍ଦମା ଯେଉଁ ତାରିଖରେ ସଂସ୍ଥିତ ହୋଇଥିବ ସେହି ତାରିଖରେ,

(ii) ପ୍ରତିବାଦୀ କ୍ଷେତ୍ରରେ ଯେଉଁ ତାରିଖରେ ନ୍ୟାୟାଳୟରେ ପ୍ରତିଦାବି କରାଯାଇଥିବ ସେହି ତାରିଖରେ ସଂସ୍ଥିତ କରାଯାଇଅଛି ବୋଲି ବିବେଚିତ ହେବ ;

(ଗ) ଉଚ୍ଚ ନ୍ୟାୟାଳୟରେ ପ୍ରସ୍ତାବର ନୋଟିସ ଦ୍ୱାରା ଆବେଦନ ସେତେବେଳେ କରାଯାଏ ଯେତେବେଳେ ସେହି ନ୍ୟାୟାଳୟର ସମୁଚିତ ଅଧିକାରୀଙ୍କ ସମକ୍ଷରେ ଆବେଦନ ଉପସ୍ଥାପିତ କରାହୁଏ ।

ନ୍ୟାୟାଳୟ ବନ୍ଦଥିବା ବେଳେ ବିହିତ କାଳାବଧିର ଅବସାନ ।

4. ଯେଉଁ କ୍ଷେତ୍ରରେ ମକଦ୍ଦମା, ଅପିଲ ବା ଆବେଦନ ପାଇଁ ବିହିତ କାଳାବଧିର ଅବସାନ ଏପରି କୌଣସି ଦିନରେ ହେଉଥାଏ ଯେଉଁ ଦିନ କି ନ୍ୟାୟାଳୟ ବନ୍ଦଥାଏ ସେ କ୍ଷେତ୍ରରେ ଯେଉଁ ଦିନ ନ୍ୟାୟାଳୟ ପୁନରାୟ ଖୋଲିବ ସେହି ଦିନ ମକଦ୍ଦମା ସଂସ୍ଥିତ କରାଯାଇ ପାରିବ, ଅପିଲ ଆଗତ ହୋଇ ପାରିବ ବା ଆବେଦନ କରାଯାଇ ପାରିବ ।

ସ୍ପଷ୍ଟୀକରଣ—ଯଦି ନ୍ୟାୟାଳୟ କୌଣସି ଦିନ ତାହାର ସ୍ୱାଭାବିକ କର୍ମ ସମୟର କୌଣସି ଭାଗରେ ବନ୍ଦ ଥାଏ ତାହାହେଲେ ତାହା ଏହି ଧାରାର ଅର୍ଥ ମଧ୍ୟରେ ସେହି ଦିନ ପାଇଁ ବନ୍ଦ ଅଟେ ବୋଲି ବୁଝାଯିବ ।

କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ କାଳାବଧିର ବିସ୍ତାର ।

5. କୌଣସି ଅପିଲ ବା କୌଣସି ଆବେଦନ, ଯାହାକି ସିଭିଲ ପ୍ରକ୍ରିୟା ସଂହିତା, 1908 (1908ର 5)ର ଅର୍ଡର–XXI ର ଉପବନ୍ଧମାନଙ୍କ ମଧ୍ୟରୁ କୌଣସିଟିର ଅଧୀନ ଆବେଦନଠାରୁ ଭିନ୍ନ ହୋଇଥାଏ, ଯଦି ଅପିଲକାରୀ ବା ଆବେଦନକାରୀ ନ୍ୟାୟାଳୟକୁ ସନ୍ତୁଷ୍ଟ କରାନ୍ତି ଯେ ଏପରି କାଳାବଧି ମଧ୍ୟରେ ଅପିଲ ବା ଆବେଦନ କରି ନ ପାରିବା ପାଇଁ ପର୍ଯ୍ୟାପ୍ତ କାରଣ ଥିଲ, ତେବେ, ତାହା ବିହିତ କାଳାବଧି ପରେ ଗୃହୀତ ହୋଇ ପାରିବ ।

ସ୍ପଷ୍ଟୀକରଣ—ଅପିଲକାରୀ ବା ଆବେଦନକାରୀ ବିହିତ କାଳାବଧି ନିରୂପଣ ବା ସଂଗଣନା କରିବାରେ ଉଚ୍ଚ ନ୍ୟାୟାଳୟର କୌଣସି ଆଦେଶ, ପଦ୍ଧତି ବା ରାୟ ଯୋଗୁଁ ଭ୍ରମରେ ପଡ଼ିଯାଇଥିଲେ ବୋଲି ଏହି ତଥ୍ୟ ଏହି ଧାରାର ଅର୍ଥ ମଧ୍ୟରେ ପର୍ଯ୍ୟାପ୍ତ କାରଣ ହୋଇପାରିବ ।

ବିଧିକ ନିର୍ଯୋଗ୍ୟତା

6. (1) ଯେଉଁଠାରେ ମକଦ୍ଦମା ସଂସ୍ଥିତ କରିବା କିମ୍ବା ଡିକ୍ରୀର ନିଷ୍ପାଦନ ପାଇଁ ଆବେଦନ କରିବା ନିମିତ୍ତ ହକ୍‌ଦାର ବ୍ୟକ୍ତି, ଯେଉଁ ସମୟଠାରୁ ବିହିତ କାଳାବଧି ଗଣନା କରାଯିବା କଥା, ସେହି ସମୟରେ ଅପ୍ରାପ୍ତ ବୟସ୍କ, ଉନ୍ମତ୍ତ ବା ମୂକ ହୋଇଥାଆନ୍ତି, ସେଠାରେ ଅନୁସୂଚୀର ତୃତୀୟ ସ୍ତମ୍ଭରେ ସେଥି ନିମିତ୍ତ ବିନିର୍ଦ୍ଦିଷ୍ଟ ସମୟଠାରୁ ଯେଉଁ କାଳାବଧି ତାହାକୁ ଅନ୍ୟଥା ଅନୁଜ୍ଞାତ ହୋଇଥାନ୍ତା, ସେହି କାଳାବଧି ମଧ୍ୟରେ ସେ ମକଦ୍ଦମା ସଂସ୍ଥିତ କରିପାରିବେ ବା ଆବେଦନ କରିପାରିବେ ।

(2) ଯେଉଁଠାରେ ଏପରି ବ୍ୟକ୍ତି ଯେଉଁ ସମୟଠାରୁ ବିହିତ କାଳାବଧି ଗଣନା କରାଯିବାର କଥା ସେହି ସମୟରେ ଏରୂପ ଦୁଇଗୋଟି ନିର୍ଯୋଗ୍ୟତା ଦ୍ୱାରା ଗ୍ରସ୍ତ ହୋଇଥାନ୍ତି ଅଥବା ଯେଉଁଠାରେ ତାହାଙ୍କ ନିର୍ଯୋଗ୍ୟତା ରହିତ ହେବା ପୂର୍ବରୁ ସେ ଅନ୍ୟ ଏକ ନିର୍ଯୋଗ୍ୟତା ଗ୍ରସ୍ତ ହୋଇଥାନ୍ତି ସେଠାରେ ଏପରି ବିନିର୍ଦ୍ଦିଷ୍ଟ ସମୟଠାରୁ ଯେଉଁ କାଳାବଧି ଅନ୍ୟଥା ଅନୁଜ୍ଞାତ ହୋଇଥାନ୍ତା ସେ ଉଭୟ ନିର୍ଯୋଗ୍ୟତା ବନ୍ଦ ହେବା ପରେ ସେହି କାଳାବଧି ମଧ୍ୟରେ ମକଦ୍ଦମା ସଂସ୍ଥିତ କରିପାରିବେ ବା ଆବେଦନ କରିପାରିବେ ।

(3) ଯେଉଁଠାରେ ନିର୍ଯୋଗ୍ୟତା, ସେହି ବ୍ୟକ୍ତିଙ୍କର ମୃତ୍ୟୁ ପର୍ଯ୍ୟନ୍ତ ଚାଲୁ ରହେ ସେଠାରେ ତାହାଙ୍କର ବିଧିକ ପ୍ରତିନିଧି, ମୃତ୍ୟୁପରେ ଏପରି ବିନିର୍ଦ୍ଦିଷ୍ଟ ସମୟଠାରୁ ଯେଉଁ କାଳାବଧି ଅନ୍ୟଥା ଅନୁଜ୍ଞାତ ହୋଇଥାନ୍ତା ସେହି କାଳାବଧି ମଧ୍ୟରେ ମକଦ୍ଦମା ସଂସ୍ଥିତ କରିପାରିବେ ବା ଆବେଦନ କରିପାରିବେ ।

(4) ଯେଉଁଠାରେ ଉପଧାରା (3)ରେ ବିନିର୍ଦ୍ଦିଷ୍ଟ ବିଧିକ ପ୍ରତିନିଧି, ସେ ଯେଉଁ ବ୍ୟକ୍ତିଙ୍କର ପ୍ରତିନିଧିତ୍ୱ କରୁଥାନ୍ତି ସେହି ବ୍ୟକ୍ତିଙ୍କର ମୃତ୍ୟୁ ତାରିଖରେ ସେପରି କୌଣସି ନିର୍ଯୋଗ୍ୟତା ଦ୍ୱାରା ଗ୍ରସ୍ତ ହୁଅନ୍ତି, ସେଠାରେ ଉପଧାରା (1) ଓ (2) ରେ ଥିବା ନିୟମମାନ ଲାଗୁ ହେବ ।

(5) ଯେଉଁଠାରେ ନିର୍ଯୋଗ୍ୟତାର ଅଧୀନ କୌଣସି ବ୍ୟକ୍ତି ନିର୍ଯୋଗ୍ୟତା ରହିତ ହେବା ପରେ ଅଥଚ ଏହି ଧାରା ଅଧୀନରେ ତାହାଙ୍କୁ ଅନୁଜ୍ଞାତ କାଳାବଧି ମଧ୍ୟରେ ସେ ମରିଯାନ୍ତି, ସେଠାରେ ତାହାଙ୍କର ବିଧିକ ପ୍ରତିନିଧି ତାହାଙ୍କର ମୃତ୍ୟୁପରେ ସେହି କାଳାବଧି ମଧ୍ୟରେ ମକଦ୍ଦମା ସଂସ୍ଥିତ କରିପାରିବେ ବା ଆବେଦନ କରିପାରିବେ, ଯାହାକି ସେହି ବ୍ୟକ୍ତି ମରି ନଥିଲେ ସେହି ବ୍ୟକ୍ତିଙ୍କୁ ଅନ୍ୟଥା ଅନୁଜ୍ଞାତ ହୋଇଥାନ୍ତା ।

ସ୍ପଷ୍ଟୀକରଣ—ଏହି ଧାରାର ପ୍ରୟୋଜନ ନିମିତ୍ତ ଗର୍ଭସ୍ଥ ଶିଶୁ 'ଅପ୍ରାପ୍ତବୟସ୍କ'ର ଅନ୍ତର୍ଗତ ଅଟେ ।

**ଅନେକ ବ୍ୟକ୍ତିଙ୍କ ମଧ୍ୟରୁ ଜଣଙ୍କର ନିର୍ଯୋଗ୍ୟତା ।**

7. ଯେଉଁଠାରେ ମକଦ୍ଦମା ସଂସ୍ଥିତ କରିବା କିମ୍ବା ଡ଼ିକ୍ରୀର ନିଷ୍ପାଦନପାଇଁ ଆବେଦନ କରିବାପାଇଁ ସଂଯୁକ୍ତଭାବେ ହକ୍‌ଦାର ବ୍ୟକ୍ତିମାନଙ୍କ ମଧ୍ୟରୁ କେହି ଜଣେ ଏପରି କୌଣସି ନିର୍ଯୋଗ୍ୟତାର ଅଧୀନ ଥାନ୍ତି ଏବଂ ସେହି ବ୍ୟକ୍ତିଙ୍କର ସହମତି ବିନା ଉନ୍ମୁକ୍ତି ଦିଆଯାଇପାରୁଥାଏ, ସେଠାରେ ସେ ସମସ୍ତଙ୍କ ବିରୁଦ୍ଧରେ ସମୟର ଚଳନ ଆରମ୍ଭ ହୋଇଯିବ, କିନ୍ତୁ ଯେଉଁଠାରେ ଏପରି ଉନ୍ମୁକ୍ତି ଦିଆଯାଇ ପାରୁନଥାଏ ସେଠାରେ ଯେ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କେହି ଜଣେ ଅନ୍ୟମାନଙ୍କର ସହମତି ବିନା ଏପରି ଉନ୍ମୁକ୍ତି ଦେବାପାଇଁ ସମର୍ଥ ନ ହୁଅନ୍ତି କିମ୍ବା ଯେ ପର୍ଯ୍ୟନ୍ତ ସେହି ନିର୍ଯୋଗ୍ୟତାର ବନ୍ଦ ନ ହୁଏ ସେ ପର୍ଯ୍ୟନ୍ତ ସେମାନଙ୍କ ମଧ୍ୟରୁ କାହାରି ବିରୁଦ୍ଧରେ ସମୟର ଚଳନ ଆରମ୍ଭ ହେବ ନାହିଁ ।

ସ୍ପଷ୍ଟୀକରଣ—(1) ଯେକୌଣସି ସ୍ଥାବର ସଂପତ୍ତି ସମ୍ବନ୍ଧୀ ଦାୟିତ୍ୱ ସମେତ ପ୍ରତ୍ୟେକ ପ୍ରକାର ଦାୟିତ୍ୱର ଉନ୍ମୁକ୍ତି ପ୍ରତି ଏହି ଧାରା ଲାଗୁ ହୁଏ ।

ସ୍ପଷ୍ଟୀକରଣ—(2) ଏହି ଧାରାର ପ୍ରୟୋଜନ ନିମିତ୍ତ ମିତାକ୍ଷର ବିଧିଦ୍ୱାରା ଶାସିତ ହିନ୍ଦୁ ଅବିଭକ୍ତ ପରିବାରର କର୍ତ୍ତା ଅନ୍ୟ ସଦସ୍ୟମାନଙ୍କର ସହମତି ବିନା ଉନ୍ମୁକ୍ତି ଦେବା ନିମିତ୍ତ ସମର୍ଥ ଅଟନ୍ତି ବୋଲି କେବଳ ତେବେ ବିବେଚିତ ହେବେ ଯେବେ କି ସେ ସଂଯୁକ୍ତ ପରିବାରର ସଂପତ୍ତିର ପରିଚାଳନା କରୁଥାଆନ୍ତି ।

**ବିଶେଷ ବ୍ୟତିରେକ**

8. ଧାରା 6 ବା ଧାରା 7ରେ ଥିବା କୌଣସି ବିଷୟ ଅଗ୍ରକ୍ରୟାଧିକାର ପ୍ରବର୍ତ୍ତନ କରାଇବା ଲାଗି ହୋଇଥିବା ମକଦ୍ଦମା ପ୍ରତି ଲାଗୁ ହୁଏନାହିଁ, କିମ୍ବା କୌଣସି ମକଦ୍ଦମା ଆବେଦନର ପରିସୀମା କାଳାବଧିକୁ ନିର୍ଯୋଗ୍ୟତା ରହିତ ହେବାଠାରୁ ଅଥବା ତଦ୍ଦ୍ୱାରା ଗ୍ରସ୍ତ ହୋଇଥିବା ବ୍ୟକ୍ତିଙ୍କର ମୃତ୍ୟୁଠାରୁ ତିନି ବର୍ଷରୁ ଅଧିକ ବିସ୍ତାରିତ କରୁଥିବା ବିବେଚିତ ହେବ ନାହିଁ ।

**ସମୟର ନିରନ୍ତର ଚଳନ ।**

9. ଯେଉଁଠାରେ ସମୟର ଚଳନ ଥରେ ଆରମ୍ଭ ହୋଇ ଯାଇଥିବ ସେଠାରେ ମକଦ୍ଦମା ସଂସ୍ଥିତ କରିବା କିମ୍ବା ଆବେଦନ କରିବା ପାଇଁ କୌଣସି ପରବର୍ତ୍ତୀ ନିର୍ଯୋଗ୍ୟତା ବା ଅସାମର୍ଥ୍ୟ ଯୋଗୁଁ ତାହା ରୋକିବ ନାହିଁ :

ପରନ୍ତୁ, ଯେଉଁଠାରେ କୌଣସି ଋଣଦାତାଙ୍କ ମାହାଲର ପ୍ରଶାସନପତ୍ର ତାହାଙ୍କ ଋଣୀଙ୍କୁ ଅନୁଦତ୍ତ ହୋଇଥାଏ ସେଠାରେ ପ୍ରଶାସନ ଚାଲୁ ରହିଥିବା ପର୍ଯ୍ୟନ୍ତ ଏପରି ଋଣ ଅସୁଲ କରିବାପାଇଁ ମକଦ୍ଦମାର ପରିସୀମା କାଳାବଧିର ଚଳନ ନିଲମ୍ବିତ ରହେ ।

**ନ୍ୟାସୀ ଓ ତାହାଙ୍କର ପ୍ରତିନିଧିଙ୍କ ବିରୁଦ୍ଧରେ ମକଦ୍ଦମା ।**

10. ଏହି ଅଧିନିୟମର ପୂର୍ବଗାମୀ ଉପବନ୍ଧମାନଙ୍କରେ ଯାହା କିଛି ଥାଉ ନା କାହିଁକି, ଯେଉଁ ବ୍ୟକ୍ତିଙ୍କଠାରେ କୌଣସି ବିନିର୍ଦ୍ଦିଷ୍ଟ ପ୍ରୟୋଜନ ନିମିତ୍ତ ସଂପତ୍ତି ନ୍ୟାସରେ ନିହିତ ହୋଇଥାଏ ତାହାଙ୍କ ବିରୁଦ୍ଧରେ ବା ତାହାଙ୍କର ବିଧିକ ପ୍ରତିନିଧିମାନଙ୍କ ବିରୁଦ୍ଧରେ କିମ୍ବା (ମୂଲ୍ୟବାନ ପ୍ରତିଫଳ ନିମିତ୍ତ ସମନ୍ତଦେଶିତୀ ହୋଇନଥିବା) ସମନ୍ତଦେଶିତୀଙ୍କ ବିରୁଦ୍ଧରେ ତାହାଙ୍କର କିମ୍ବା ସେମାନଙ୍କ ହାତରେ ଥିବା ଉକ୍ତ ସଂପତ୍ତି ବା ତହିଁର ଆଗମର ପିଛା କରିବା ନିମିତ୍ତ କିମ୍ବା ଉକ୍ତ ସଂପତ୍ତି ବା ଆଗମର ହିସାବ ନିମିତ୍ତ କୌଣସି ମକଦ୍ଦମା, ଯେତେ ସମୟ ବିତିଗଲେ ମଧ୍ୟ ବର୍ଜିତ ହେବ ନାହିଁ ।

ସ୍ପଷ୍ଟୀକରଣ—ଏହି ଧାରାର ପ୍ରୟୋଜନ ନିମିତ୍ତ କୌଣସି ହିନ୍ଦୁ, ମୁସଲମାନ ବା ବୌଦ୍ଧ ଧାର୍ମିକ ବା ଦାତବ୍ୟ ବିନ୍ୟାସରେ ସମାବିଷ୍ଟ କୌଣସି ସଂପତ୍ତି ଏକ ବିନିର୍ଦ୍ଦିଷ୍ଟ ପ୍ରୟୋଜନ ନିମିତ୍ତ ନ୍ୟାସ ନିହିତ ସମ୍ପତ୍ତି ବୋଲି ବିବେଚିତ ହେବ ଏବଂ ସଂପତ୍ତିର ପରିଚାଳକ ତାହାର ନ୍ୟାସୀ ବୋଲି ବବେଚିତ ହେବେ ।

**ଏହି ଅଧିନିୟମ ବିସ୍ତୃତ ଥିବା ରାଜ୍ୟ କ୍ଷେତ୍ରଗୁଡ଼ିକ ବାହାରେ କରାଯାଇଥିବା ଚୁକ୍ତି ଉପରେ ମକଦ୍ଦମା ।**

11. (1) ଜାମ୍ମୁ ଓ କାଶ୍ମୀର ରାଜ୍ୟରେ ବା ବିଦେଶରେ କରାଯାଇଥିବା ଚୁକ୍ତିଗୁଡ଼ିକ ଉପରେ ଏହି ଅଧିନିୟମର ବିସ୍ତାର ଥିବା ରାଜ୍ୟ କ୍ଷେତ୍ରମାନଙ୍କରେ ସଂସ୍ଥିତ ମକଦ୍ଦମା ଏହି ଅଧିନିୟମରେ ଥିବା ପରିସୀମା ବିଷୟକ ନିୟମମାନଙ୍କ ପ୍ରତିସାପେକ୍ଷତାରେ ହେବ ।

(2) ଜାମ୍ମୁ ଓ କାଶ୍ମୀର ରାଜ୍ୟରେ କିମ୍ବା କୌଣସି ବିଦେଶରେ ପ୍ରବୃତ୍ତ ପରିସୀମା ବିଷୟକ କୌଣସି ନିୟମ, ସେହି ରାଜ୍ୟରେ ବା ବିଦେଶରେ କରାଯାଇଥିବା କୌଣସି ଚୁକ୍ତିର ଆଧାର ଉପରେ ଉକ୍ତ ରାଜ୍ୟ କ୍ଷେତ୍ରରେ ସଂସ୍ଥିତ ମକଦ୍ଦମାରେ ପ୍ରତିରକ୍ଷାକାରୀ ହେବ ନାହିଁ, ଯଦି—

(କ) ସେହି ନିୟମ, ଚୁକ୍ତିକୁ ନିର୍ବାପିତ କରି ଦେଇ ନ ଥାଏ, ଏବଂ

(ଖ) ପକ୍ଷକାରମାନେ ସେହି ନିୟମ ଦ୍ୱାରା ବିହିତ କାଳାବଧି ମଧ୍ୟରେ ସେହି ରାଜ୍ୟର ବା ବିଦେଶର ଅଧିକାରୀ ହୋଇ ନ ଥାଆନ୍ତି ।

## ଭାଗ III

### ପରିସୀମା କାଳାବଧିର ସଂଗଣନା

ବିଧିକ କାର୍ଯ୍ୟବିଧିଗୁଡ଼ିକରେ ସମୟର ବର୍ଜନ ।

12. (1) କୌଣସି ମକଦ୍ଦମା, ଅପିଲ ବା ଆବେଦନ ପାଇଁ ପରିସୀମା କାଳାବଧି ସଂଗଣନା କଲାବେଳେ ଯେଉଁ ଦିନଠାରୁ ଏପରି ପରିସୀମା କାଳାବଧିର ଗଣନା କରାଯିବାର କଥା ସେହି ଦିନଟିକୁ ବର୍ଜନ କରାଯିବ ।

(2) କୌଣସି ଅପିଲ ପାଇଁ ବା ଯାହାକି ଅପିଲ କରିବାକୁ ଅନୁମତି ନିମିତ୍ତ କୌଣସି ରାୟର ପୁନରୀକ୍ଷଣ ବା ରିଭ୍ୟୁ ନିମିତ୍ତ ଆବେଦନ ପାଇଁ, ପରିସୀମା କାଳାବଧି ସଂଗଣନା କଲାବେଳେ ଯେଉଁ ଦିନ ପରିବାଦିତ ରାୟ ଶୁଣାଇ ଦିଆଗଲା ସେହି ଦିନଟିକୁ ତଥା ସେହି ଡ଼ିକ୍ରୀ, ଦଣ୍ଡାଦେଶ ବା ଆଦେଶ ଯହିଁରୁ ଅପିଲ କରାଯାଇଅଛି କିମ୍ବା ଯାହାର ପୁନରୀକ୍ଷଣ ବା ରିଭ୍ୟୁ କରାଯିବାକୁଥାଏ ତାହାର ଏକ ପ୍ରତିଲିପି ହାସଲ କରିବା ପାଇଁ ଆବଶ୍ୟକ ହେବା ସମୟକୁ ବର୍ଜନ କରାଯିବ ।

(3) ଯେଉଁଠାରେ କୌଣସି ଡ଼ିକ୍ରୀ ବା ଆଦେଶରୁ ଅପିଲ କରାଯାଉଥାଏ କିମ୍ବା ତାହାର ପୁନରୀକ୍ଷଣ ବା ରିଭ୍ୟୁ କରାଯିବାକୁ ଥାଏ କିମ୍ବା ଯେଉଁଠାରେ କୌଣସି ଡ଼ିକ୍ରୀ ବା ଆଦେଶରୁ ଅପିଲ ଲାଗି ଅନୁମତି ନିମିତ୍ତ ଆବେଦନ କରାଯାଉଥାଏ, ସେଠାରେ ଯେଉଁ ରାୟ ଉପରେ ସେହି ଡ଼ିକ୍ରୀ ବା ଆଦେଶ ଆଧାରିତ ଅଟେ ତାହାର ପ୍ରତିଲିପି ହାସଲ କରିବା ନିମିତ୍ତ ଆବଶ୍ୟକ ହେବା ସମୟକୁ ମଧ୍ୟ ବର୍ଜନ କରାଯିବ ।

(4) କୌଣସି ଅଧିନିର୍ଣ୍ଣୟ ନାକଚ କରାଯିବା ନିମିତ୍ତ ଆବେଦନ ପାଇଁ ପରିସୀମା କାଳାବଧି ସଂଗଣନା କଲାବେଳେ ଅଧିନିର୍ଣ୍ଣୟର ପ୍ରତିଲିପି ହାସଲ କରିବା ନିମିତ୍ତ ଆବଶ୍ୟକ ହେବା ସମୟକୁ ବର୍ଜନ କରାଯିବ ।

ସ୍ପଷ୍ଟୀକରଣ—କୌଣସି ଡ଼ିକ୍ରୀ ବା ଆଦେଶର ପ୍ରତିଲିପି ହାସଲ କରିବା ପାଇଁ ଆବଶ୍ୟକ ସମୟର ସଂଗଣନା ଏହି ଧାରା ଅଧୀନରେ କଲାବେଳେ ସେହି ଡ଼ିକ୍ରୀ ବା ଆଦେଶର ପ୍ରତିଲିପି ପାଇଁ ଆବେଦନ କରାଯିବା ପୂର୍ବରୁ ନ୍ୟାୟାଳୟ ଡ଼ିକ୍ରୀ ବା ଆଦେଶକୁ ତିଆରି କରିବା ପାଇଁ ଯେଉଁ ସମୟ ନେଇଥିବେ ତାହାକୁ ବର୍ଜିତ କରାଯିବ ନାହିଁ ।

ନିଃସ୍ୱରୂପେ ନାଲିସ୍ କରିବା ବା ଅପିଲ କରିବା ଲାଗି ଅନୁମତି ନିମିତ୍ତ ଆବେଦନ କରାଯାଇଥିବା କ୍ଷେତ୍ରରେ ସମୟର ବର୍ଜନ ।

13. ଯେଉଁଠାରେ ନିଃସ୍ୱରୂପେ ନାଲିସ୍ କରିବା ବା ଅପିଲ କରିବା ଲାଗି ଅନୁମତି ନିମିତ୍ତ ଆବେଦନ କରାଯାଇଥାଏ ଏବଂ ତାହା ଅଗ୍ରାହ୍ୟ ହୋଇଯାଇଥାଏ, ସେଠାରେ କୌଣସି ମକଦ୍ଦମା ବା ଅପିଲ ପାଇଁ ବିହିତ ପରିସୀମା କାଳାବଧିର ସଂଗଣନା କଲାବେଳେ ଯେତିକି ସମୟ ପର୍ଯ୍ୟନ୍ତ ଆବେଦନକାରୀ ସଦ୍‌ବିଶ୍ୱାସ ପୂର୍ବକ ସେହି ଅନୁମତି ପାଇଁ ନିଜର ଆବେଦନ ଅଭିଯୋଜିତ କରୁଥିବେ ସେହି ସମୟକୁ ବର୍ଜିତ କରି ଦିଆଯିବ ଏବଂ ଏପରି ମକଦ୍ଦମା ବା ଅପିଲ ନିମିତ୍ତ ବିହିତ ନ୍ୟାୟାଳୟ ଫିସ୍ ଦିଆଗଲେ, ପ୍ରାରମ୍ଭରୁ ନ୍ୟାୟାଳୟ ଫିସ୍ ଦିଆହୋଇଥିଲେ ଯେପରି ବିବେଚନା କରାଯାଇଥାନ୍ତା ସେହି ମକଦ୍ଦମା ବା ଅପିଲର ସେହିପରି ବଳ ଓ ପ୍ରଭାବ ଥିବାପରି ନ୍ୟାୟାଳୟ ତାହାକୁ ବିବେଚନା କରିବେ ।

ଅଧିକାରିତା ନଥିବା ନ୍ୟାୟାଳୟରେ ସଦ୍‌ବିଶ୍ୱାସପୂର୍ବକ କରାଯାଇଥିବା କାର୍ଯ୍ୟବିଧିରେ ଲାଗିଥିବା ସମୟର ବର୍ଜନ ।

14. (1) କୌଣସି ମକଦ୍ଦମାର ପରିସୀମା କାଳାବଧି ସଂଗଣନା କଲାବେଳେ ଯେତିକି ସମୟ ପର୍ଯ୍ୟନ୍ତ ବାଦୀ ପ୍ରଥମ ବାରର ନ୍ୟାୟାଳୟରେ ହେଉ କିମ୍ବା ଅପିଲୀୟ ବା ପୁନରୀକ୍ଷଣ ନ୍ୟାୟାଳୟରେ ହେଉ ପ୍ରତିବାଦୀଙ୍କ ବିରୁଦ୍ଧରେ ଅନ୍ୟ ଏକ ସିଭିଲ କାର୍ଯ୍ୟବିଧି ସମ୍ୟକ୍ ତତ୍ପରତା ସହ ଅଭିଯୋଜିତ କରୁଥାନ୍ତି ସେତିକି ସମୟ ଏପରି ସ୍ଥଳେ ବର୍ଜିତ କରିଦିଆଯିବ ଯେଉଁଠାରେ କି ସେହି କାର୍ଯ୍ୟବିଧି ସେହି ଏକା ବିବାଦ୍ୟକ ବିଷୟ ସହିତ ସମ୍ପର୍କିତ ହୋଇଥାଏ ଏବଂ ସଦ୍‌ବିଶ୍ୱାସ ପୂର୍ବକ ଏପରି ଏକ ନ୍ୟାୟାଳୟରେ ଅଭିଯୋଜିତ କରାଯାଇଥାଏ ଯେକି ଅଧିକାରିତାରେ ତ୍ରୁଟି ବା ସମପ୍ରକୃତିର ଅନ୍ୟ ହେତୁକ ଯୋଗୁଁ ତାହା ଗ୍ରହଣ କରିବାକୁ ଅସମର୍ଥ ହୋଇଥାଏ ।

(2) କୌଣସି ଆବେଦନର ପରିସୀମା କାଳାବଧି ସଂଗଣନା କଲାବେଳେ ଯେତିକି ସମୟ ପର୍ଯ୍ୟନ୍ତ ବାଦୀ ପ୍ରଥମ ବାରର ନ୍ୟାୟାଳୟରେ ହେଉ କିମ୍ବା ଅପିଲୀୟ ବା ପୁନରୀକ୍ଷଣ ନ୍ୟାୟାଳୟରେ ହେଉ ସେହି ଏକା ପକ୍ଷଙ୍କ ବିରୁଦ୍ଧରେ ସେହି ଏକା ଅନୁତୋଷ ପାଇଁ ଅନ୍ୟ ଏକ ସିଭିଲ କାର୍ଯ୍ୟବିଧି ସମ୍ୟକ ତତ୍ପରତା ସହ ଅଭିଯୋଜିତ କରୁଥାନ୍ତି ସେତିକି ସମୟକୁ ଏପରି ସ୍ଥଳେ ବର୍ଜିତ କରିଦିଆଯିବ, ଯେଉଁଠାରେ କି ସେହି କାର୍ଯ୍ୟବିଧି ସଦ୍‌ବିଶ୍ୱାସପୂର୍ବକ ଏପରି ଏକ ନ୍ୟାୟାଳୟରେ ଅଭିଯୋଜିତ କରାଯାଇଥାଏ ଯେ କି ଅଧିକାରିତାରେ ତ୍ରୁଟି ବା ସମପ୍ରକୃତିର ଅନ୍ୟ ହେତୁକ ଯୋଗୁଁ ତାହା ଗ୍ରହଣ କରିବାକୁ ଅସମର୍ଥ ହୋଇଥାଏ ।

(3) ସିଭିଲ ପ୍ରକ୍ରିୟା ସଂହିତା, 1908 ( 1908 ର 5 ) ର ଅର୍ଡର XXIII ର ନିୟମ 2ରେ ଯାହାକିଛି ଥିବା ସତ୍ତ୍ୱେ, ଉକ୍ତ ଅର୍ଡରର ନିୟମ 1 ଅଧୀନରେ ନ୍ୟାୟାଳୟ ଦ୍ୱାରା ଦିଆଯାଇଥିବା ଅନୁମତିର ଆଧାର ଉପରେ ସଂସ୍ଥିତ ଏକ ନୂତନ ମକଦ୍ଦମା ସମ୍ବନ୍ଧରେ ଉପଧାରା (1)ର ଉପବନ୍ଧମାନ ଏପରି ସ୍ଥଳେ ଲାଗୁ ହେବ, ଯେଉଁଠାରେ କି ଏପରି ଅନୁମତି ଏହି ଆଧାର ଉପରେ ଦିଆଯାଇଥାଏ ଯେ ଅଧିକାରିତାରେ ତ୍ରୁଟି ବା ସମ ପ୍ରକୃତିର ଅନ୍ୟ ହେତୁକ ଯୋଗୁଁ ପ୍ରଥମ ମକଦ୍ଦମା ଅସଫଳ ହେବା ଅବଶ୍ୟମ୍ଭାବୀ ଅଟେ ।

ସ୍ପଷ୍ଟୀକରଣ—ଏହି ଧାରାର ପ୍ରୟୋଜନ ନିମିତ୍ତ—

(କ) ଯେଉଁ ସମୟ ପର୍ଯ୍ୟନ୍ତ କୌଣସି ପୂର୍ବବର୍ତ୍ତୀ ସିଭିଲ କାର୍ଯ୍ୟବିଧି ବିଚାରାଧୀନ ଥିଲା ସେହି ସମୟରେ ବର୍ଜନ କଲାବେଳେ ଯେଉଁ ଦିନ ସେହି କାର୍ଯ୍ୟବିଧି ସଂସ୍ଥିତ କରାଯାଇଥିଲା ଏବଂ ଯେଉଁଦିନ ତାହାର ଅନ୍ତ ହେଲା ସେହି ଉଭୟ ଦିନ ଗଣାଯିବ,

(ଖ) ଅପିଲର ପ୍ରତିରୋଧ କରୁଥିବା ବାଦୀ ବା ଆବେଦନକାରୀ କାର୍ଯ୍ୟବିଧିର ଅଭିଯୋଜନ କରୁଥିବାର ବିବେଚିତ ହେବେ ;

(ଗ) ପକ୍ଷମାନଙ୍କର ବା ବାଦହେତୁକଗୁଡ଼ିକର କୁସଂଯୋଜନ ଅଧିକାରିତାର ତ୍ରୁଟି ସହ ସମାନ ପ୍ରକୃତିର ହେତୁକ ବୋଲି ବିବେଚିତ ହେବ ।

**ଅନ୍ୟ କେତେକ ମାମଲାରେ ସମୟର ବର୍ଜନ ।**

15. (1) ଯେଉଁ ମକଦ୍ଦମାର ସଂସ୍ଥିତିକୁ ବା ଯେଉଁ ଡ଼ିକ୍ରୀର ନିଷ୍ପାଦନକୁ କୌଣସି ବ୍ୟାଦେଶ ବା ଆଦେଶ ଦ୍ୱାରା ସ୍ଥଗିତ କରି ଦିଆଯାଇଥାଏ ସେହି ମକଦ୍ଦମାର ବା ସେହି ଡ଼ିକ୍ରୀ ନିଷ୍ପାଦନ ପାଇଁ ଆବେଦନର ପରିସୀମା କାଳାବଧି ସଂଗଣନା କଲାବେଳେ, ସେହି ବ୍ୟାଦେଶ ବା ଆଦେଶ ଯେତେ ସମୟ ଚାଲୁ ରହିଥିଲା ସେହି ସମୟକୁ, ଯେଉଁଦିନ ତାହା ନିର୍ଗମ କରାଯାଇଥିଲା ବା ଦିଆଯାଇଥିଲା ସେହି ଦିନଟିକୁ ଏବଂ ଯେଉଁ ଦିନ ତାହା ପ୍ରତ୍ୟାହୃତ ହେଲା ସେହି ଦିନଟିକୁ ବର୍ଜିତ କରି ଦିଆଯିବ ।

(2) ଯେଉଁ ମକଦ୍ଦମା ପାଇଁ କୌଣସି ତତ୍‌ସମୟ ପ୍ରବୃତ୍ତ ବିଧିର ଆବଶ୍ୟକତା ଅନୁସାରେ ନୋଟିସ୍ ଦିଆଯାଇଥାଏ ଅଥବା ସରକାରଙ୍କର ବା ଅନ୍ୟ କୌଣସି ପ୍ରାଧିକାରୀଙ୍କର ପୂର୍ବସମ୍ମତି ବା ମଞ୍ଜୁରି ଆବଶ୍ୟକ ହେଉଥାଏ ସେହି ମକଦ୍ଦମାର ପରିସୀମା କାଳାବଧି ସଂଗଣନା କଲାବେଳେ ଏପରି ନୋଟିସର କାଳାବଧିକୁ କିମ୍ବା ଯଥାସ୍ଥିତି, ଏପରି ସମ୍ମତି ବା ମଞ୍ଜୁରି ହାସଲ କରିବା ପାଇଁ ଆବଶ୍ୟକ ସମୟକୁ ବର୍ଜିତ କରି ଦିଆଯିବ ।

ସ୍ପଷ୍ଟୀକରଣ—ସରକାର ବା ଅନ୍ୟ କୌଣସି ପ୍ରାଧିକାରୀଙ୍କର ସମ୍ମତି ବା ମଞ୍ଜୁରି ହାସଲ କରିବା ପାଇଁ ଆବଶ୍ୟକ ସମୟକୁ ବର୍ଜନ କଲାବେଳେ ଯେଉଁ ତାରିଖରେ ସମ୍ମତି ବା ମଞ୍ଜୁରି ପାଇଁ ଆବେଦନ କରାଯାଇଥିଲା ଏବଂ ଯେଉଁ ତାରିଖରେ ସରକାର ବା ଅନ୍ୟ ପ୍ରାଧିକାରୀଙ୍କର ଆଦେଶ ପ୍ରାପ୍ତ ହେଲା ସେହି ଉଭୟ ତାରିଖ ଗଣନା କରାଯିବ ।

(3) କୌଣସି ବ୍ୟକ୍ତିଙ୍କୁ ପରିଶୋଧଅକ୍ଷମ ରୂପେ ନ୍ୟାୟ ନିର୍ଣ୍ଣିତ କରାଯିବା ପାଇଁ କାର୍ଯ୍ୟବିଧିରେ ନିଯୁକ୍ତ କୌଣସି ରିସିଭର ବା ମଧ୍ୟକାଳୀନ ରିସିଭରଙ୍କ ଦ୍ୱାରା କିମ୍ବା କୌଣସି କଂପାନିର ପରିସମାପନ ପାଇଁ କାର୍ଯ୍ୟବିଧିରେ ନିଯୁକ୍ତ କୌଣସି ସମାପକ ବା ଅନନ୍ତିମ ସମାପକଙ୍କ ଦ୍ୱାରା କରାଯାଇଥିବା କୌଣସି ମକଦ୍ଦମାଲାଗି ବା ଡ଼ିକ୍ରୀ ନିଷ୍ପାଦନାର୍ଥ ଆବେଦନ ଲାଗି ପରିସୀମା କାଳାବଧି ସଂଗଣନା କଲାବେଳେ ସେହି କାର୍ଯ୍ୟବିଧି ସଂସ୍ଥିତ କରାଯିବା ତାରିଖ ଠାରୁ ପ୍ରାରମ୍ଭ ହୋଇ ଏବଂ ଯଥାସ୍ଥିତି, ସେହି ରିସିଭର ବା ସମାପକଙ୍କର ନିଯୁକ୍ତି ତାରିଖଠାରୁ ତିନିମାସର ଅବସାନରେ ଅନ୍ତ ହେଉଥିବା କାଳାବଧିକୁ ବର୍ଜିତ କରାଯିବ ।

(4) କୌଣସି ଡ଼ିକ୍ରୀର ନିଷ୍ପାଦନରେ ହୋଇଥିବା ବିକ୍ରୟରେ ଖରିଦଦାରଙ୍କ ଦଖଲ ପାଇଁ କୌଣସି ମକଦ୍ଦମାର ପରିସୀମା କାଳାବଧି ସଂଗଣନା କଲାବେଳେ ବିକ୍ରୟ ନାକଚ କରାଯିବା ପାଇଁ କୌଣସି କାର୍ଯ୍ୟବିଧି ଯେଉଁ ସମୟ ମଧ୍ୟରେ ଅଭିଯୋଜିତ କରାଯାଇଥିବ ସେହି ସମୟକୁ ବର୍ଜିତ କରାଯିବ ।

(5) କୌଣସି ମକଦ୍ଦମାରେ ପରିସୀମା କାଳାବଧି ସଂଗଣନା କଲାବେଳେ ଯେତିକି ସମୟ ପ୍ରତିବାଦୀ ଭାରତରେ ତଥା କେନ୍ଦ୍ର ସରକାର ପ୍ରଶାସନ ଅଧୀନରେ ଥିବା ଭାରତ ବାହାର ରାଜ୍ୟ କ୍ଷେତ୍ରରେ ଅନୁପସ୍ଥିତ ଥିବେ ସେତିକି ସମୟକୁ ବର୍ଜିତ କରାଯିବ ।

**ନାଲିସ କରିବାର ଅଧିକାର ପ୍ରୋଦ୍‌ଭୂତ ହେବା ବେଳେ ବା ତତ୍‌ପରେ ମୃତ୍ୟୁ ହୋଇଯିବାର ପ୍ରଭାବ ।**

16.(1) ଯେଉଁଠାରେ କୌଣସି ବ୍ୟକ୍ତି ଯେ କି ଜୀବିତ ରହିଥିଲେ ତାହାଙ୍କର ମକଦ୍ଦମା ସଂସ୍ଥିତ କରିବାର ବା ଆବେଦନ କରିବାର ଅଧିକାର ଥାଆନ୍ତା ସେହି ଅଧିକାର ପ୍ରୋଦ୍‌ଭୂତ ହେବା ପୂର୍ବରୁ ମରିଯାନ୍ତି, କିମ୍ବା ଯେଉଁଠାରେ କୌଣସି ମକଦ୍ଦମା ସଂସ୍ଥିତ କରିବାର ବା ଆବେଦନ କରିବାର ଅଧିକାର କୌଣସି ବ୍ୟକ୍ତିଙ୍କର ମୃତ୍ୟୁପରେ ହିଁ ପ୍ରୋଦ୍‌ଭୂତ ହେଉଥାଏ ସେଠାରେ ପରିସୀମା କାଳାବଧିର ସଂଗଣନା ସେହି ସମୟଠାରୁ କରାଯିବ ଯେବେ କି ଉକ୍ତ ମୃତ ବ୍ୟକ୍ତିଙ୍କର ଏପରି ଜଣେ ବିଧି ପ୍ରତିନିଧି ହୁଅନ୍ତି ଯେ କି ଏପରି ମକଦ୍ଦମା ସଂସ୍ଥିତ କରିବା ବା ଆବେଦନ କରିବା ପାଇଁ ସମର୍ଥ ହୋଇଥାନ୍ତି ।

(2) ଯେଉଁଠାରେ କୌଣସି ବ୍ୟକ୍ତି ଯେ କି ଜୀବିତ ରହିଥିଲେ ତାହାଙ୍କ ବିରୁଦ୍ଧରେ ମକଦ୍ଦମା ସଂସ୍ଥିତ କରିବାର ବା ଆବେଦନ କରିବାର ଅଧିକାର ପ୍ରୋଦ୍‌ଭୂତ ହୋଇଥାନ୍ତା ସେହି ଅଧିକାର ପ୍ରୋଦ୍‌ଭୂତ ହେବା ପୂର୍ବରୁ ମରିଯାନ୍ତି, କିମ୍ବା ଯେଉଁଠାରେ କୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ ମକଦ୍ଦମା ସଂସ୍ଥିତ କରିବାର ବା ଆବେଦନ କରିବାର ଅଧିକାର ତାହାଙ୍କର ମୃତ୍ୟୁପରେ ହିଁ ପ୍ରୋଦ୍‌ଭୂତ ହେଉଥାଏ ସେଠାରେ, ପରିସୀମା କାଳାବଧିର ସଂଗଣନା ସେହି ସମୟରୁ କରାଯିବ ଯେବେ କି ମୃତ ବ୍ୟକ୍ତିଙ୍କର ଏପରି ଜଣେ ବିଧି ପ୍ରତିନିଧି ହୁଅନ୍ତି ଯାହାଙ୍କ ବିରୁଦ୍ଧରେ ବାଦୀ ସେପରି ଏକ ମକଦ୍ଦମା ସଂସ୍ଥିତ କରିପାରନ୍ତି ବା ଆବେଦନ କରିପାରନ୍ତି ।

(3) ଉପଧାରା (1) ବା ଉପଧାରା (2)ର କୌଣସି ବିଷୟ ଅଗ୍ରକ୍ରୟାଧିକାର ପ୍ରବର୍ତ୍ତିତ କରାଇବା ପାଇଁ ମକଦ୍ଦମା ଅଥବା କୌଣସି ସ୍ଥାବର ସଂପତ୍ତି ବା ବଂଶାନୁଗତ ପଦର ଦଖଲ ପାଇଁ ମକଦ୍ଦମା ପ୍ରତି ପ୍ରଯୋଜ୍ୟ ହୁଏ ନାହିଁ ।

**ପ୍ରବଂଚନା ବା ଭ୍ରମର ପ୍ରଭାବ ।**

17.(1) ଯେଉଁଠାରେ, କୌଣସି ମକଦ୍ଦମା ବା ଆବେଦନ, ଯାହାପାଇଁ ଏହି ଅଧିନିୟମରେ କୌଣସି ପରିସୀମା କାଳାବଧି ବିହିତ ହୋଇଥାଏ ସେହି କ୍ଷେତ୍ରରେ,–

(କ) ସେହି ମକଦ୍ଦମା ବା ଆବେଦନ ପ୍ରତିବାଦୀ ବା ଜବାବଦାତା ଅଥବା ଏଜେଣ୍ଟଙ୍କ ପ୍ରବଂଚନା ଉପରେ ଆଧାରିତ ହୋଇଥାଏ; ଅଥବା

(ଖ) ଯେଉଁ ଅଧିକାର ବା ହକ୍ ଉପରେ ମକଦ୍ଦମା ବା ଆବେଦନ ଆଧାରିତ ଅଟେ ସେହି ଅଧିକାର ବା ହକ୍‌ର ଜ୍ଞାନ କୌଣସି ଯଥାପୂର୍ବୋକ୍ତ ସେପରି ବ୍ୟକ୍ତିଙ୍କ ଦ୍ୱାରା ଲୁଚ୍ଛାଇ ରଖାଯାଇଥାଏ; ଅଥବା

(ଗ) ସେହି ମକଦ୍ଦମା ବା ଆବେଦନ କୌଣସି ଭ୍ରମର ପରିଣାମରୁ ଅନୁତୋଷ ନିମିତ୍ତ ହୋଇଥାଏ; ଅଥବା

(ଘ) ଯେଉଁଠାରେ ବାଦୀ ବା ଆବେଦନକାରୀଙ୍କର ଅଧିକାର ସାବ୍ୟସ୍ତ କରିବା ପାଇଁ ଆବଶ୍ୟକ କୌଣସି ଦସ୍ତାବିଜ ତାହାଙ୍କଠାରୁ ପ୍ରବଂଚନା ପୂର୍ବକ ଲୁଚ୍ଛାଇ ରଖାଯାଇଥାଏ;

ସେଠାରେ ଯେଉଁ ପର୍ଯ୍ୟନ୍ତ ବାଦୀ ବା ଆବେଦନକାରୀ ସେହି ପ୍ରବଂଚନା ବା ଭ୍ରମର ସନ୍ଧାନ ପାଇ ନ ଥାନ୍ତି ବା ସମ୍ୟକ ତତ୍ପରତା ଦ୍ୱାରା, ସନ୍ଧାନ ପାଇ ପାରିଥାନ୍ତେ ଅଥବା ଲୁଚ୍ଛାଇ ରଖାଯାଇଥିବା ଦସ୍ତାବିଜ ସ୍ଥଳେ, ଯେଉଁ ପର୍ଯ୍ୟନ୍ତ ଲୁଚ୍ଛାଯାଇଥିବା ଦସ୍ତାବିଜକୁ ପେଶ କରିବା ବା ତାହା ପେଶ କରାଯିବା ପାଇଁ ବାଧ୍ୟ କରିବାର ଉପାୟ ବାଦୀ ବା ଆବେଦନକାରୀଙ୍କୁ ସର୍ବପ୍ରଥମେ ପ୍ରାପ୍ତ ହୋଇ ନ ଥାଏ, ସେପର୍ଯ୍ୟନ୍ତ ପରିସୀମା କାଳାବଧିର ଚଳନ ଆରମ୍ଭ ହେବ ନାହିଁ:

ପରନ୍ତୁ ଏହି ଧାରାର କୌଣସି ବିଷୟ ଏପରି କୌଣସି ସଂପତ୍ତିର ପ୍ରତ୍ୟୁଦ୍ଧରଣ ପାଇଁ ବା ତାହା ବିରୁଦ୍ଧରେ କୌଣସି ଭାର ପ୍ରବର୍ତ୍ତନ କରାଇବା ପାଇଁ ବା ତତ୍‌ସମ୍ବନ୍ଧୀ କୌଣସି କାରବାରକୁ ନାକଚ କରାଇବା ପାଇଁ କୌଣସି ମକଦ୍ଦମା ସଂସ୍ଥିତ କରାଯିବାକୁ କିମ୍ବା ଆବେଦନ କରାଯିବାକୁ ସମର୍ଥ କରିବ ନାହିଁ ଯାହାକି,–

(i) ପ୍ରବଂଚନା କ୍ଷେତ୍ରରେ, ଏପରି କୌଣସି ବ୍ୟକ୍ତିଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳ ପାଇଁ ଖରିଦ କରାଯାଇଥାଏ ଯାହାଙ୍କର କି ପ୍ରବଂଚନାରେ କୌଣସି ହାତ ନ ଥିଲା ଏବଂ ଯେ କି ଖରିଦ କରିବା ସମୟରେ ଏହା ଜାଣି ନ ଥିଲେ ବା ତାହାଙ୍କର ଏହା ବିଶ୍ୱାସ କରିବାରେ କାରଣ ନ ଥିଲା ଯେ କୌଣସି ପ୍ରବଂଚନା କରାଯାଇଛି, ଅଥବା

(ii) ଭ୍ରମ କ୍ଷେତ୍ରରେ, ଯେଉଁ କାରବାରରେ ଭ୍ରମ ହୋଇଥିଲା ତତ୍‌ପଶ୍ଚାତ୍ ଏପରି ବ୍ୟକ୍ତିଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳ ପାଇଁ ଖରିଦ କରାଯାଇଥାଏ ଯେ କି ଏହା ଜାଣି ନ ଥିଲେ ବା ବିଶ୍ୱାସ କରିବାରେ କାରଣ ନ ଥିଲା ଯେ ଭ୍ରମ ହୋଇଯାଇଅଛି; ଅଥବା

(iii) ଲୁଗ୍ଇ ରଖାଯାଇଥିବା ଦସ୍ତାବିଜ କ୍ଷେତ୍ରରେ, ଏପରି ବ୍ୟକ୍ତିଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳ ପାଇଁ ଖରିଦ କରାଯାଇଥାଏ ଯାହାଙ୍କର କି ଲୁଗ୍ଇ ରଖିବାରେ କୌଣସି ହାତ ନ ଥିଲା ଏବଂ ଯେ ଖରିଦ କରିବା ସମୟରେ ଜାଣି ନ ଥିଲେ ବା ତାହାଙ୍କର ବିଶ୍ୱାସ କରିବାର କାରଣ ନ ଥିଲା ଯେ ଦସ୍ତାବିଜ ଲୁଗ୍ଇ ରଖାଯାଇଅଛି ।

(2) ଯେଉଁଠାରେ କୌଣସି ରାୟରଣୀ ପ୍ରବଂଚନା ବା ବଳ ପ୍ରୟୋଗ ଦ୍ୱାରା ପରିସୀମା କାଳାବଧି ମଧ୍ୟରେ ଡ଼ିକ୍ରୀ ବା ଆଦେଶର ନିଷ୍ପାଦନ ନିବାରିତ କରୁଥାନ୍ତି ସେଠାରେ ନ୍ୟାୟାଳୟ ଉକ୍ତ ପରିସୀମା କାଳାବଧିର ଅବସାନ ପରେ ରାୟରଣଦାତାଙ୍କ ଦ୍ୱାରା କରାଯାଇଥିବା ଆବେଦନ ଉପରେ ଡ଼ିକ୍ରୀ ବା ଆଦେଶର ନିଷ୍ପାଦନ ପାଇଁ ପରିସୀମା କାଳାବଧିକୁ ବଢ଼ାଇ ପାରିବେ:

ପରନ୍ତୁ, ଏହା ତେବେ ହୋଇପାରେ ଯେବେ କି ଏପରି ଆବେଦନ ଯଥାସ୍ଥିତି, ପ୍ରବଂଚନାର ସନ୍ଧାନ ପାଇବା ବା ବଳ ପ୍ରୟୋଗ ବନ୍ଦ ହେବା ତାରିଖଠାରୁ ଏକ ବର୍ଷ ଭିତରେ କରାଯାଇଥାଏ ।

**ଲିଖିତ ଅଭିସ୍ୱୀକୃତିର ପ୍ରଭାବ ।**

18.(1) ଯେଉଁଠାରେ କୌଣସି ସଂପତ୍ତି ବା ଅଧିକାର ବିଷୟକ ଏକ ମକଦ୍ଦମା ବା ଆବେଦନ ପାଇଁ ବିହିତ ପରିସୀମା କାଳାବଧିର ଅବସାନ ପୂର୍ବରୁ ଏପରି ସଂପତ୍ତି ବା ଅଧିକାର ବିଷୟକ ଦାୟିତ୍ୱର ଲିଖିତ ଅଭିସ୍ୱୀକୃତି କରାଯାଇଥାଏ, ଯାହାକି ଯେଉଁ ପକ୍ଷଙ୍କ ବିରୁଦ୍ଧରେ ଏପରି ସଂପତ୍ତି ବା ଅଧିକାରର ଦାବି କରାଯାଇଥାଏ ସେହି ପକ୍ଷଙ୍କ ଦ୍ୱାରା ବା ଯେଉଁ ବ୍ୟକ୍ତିଙ୍କ ଠାରୁ ତାହାଙ୍କର ନିଜର ହକ ବା ଦାୟିତ୍ୱ ବ୍ୟୁତ୍ପନ୍ନ ହେଉଥାଏ ସେହି ବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥାଏ, ସେଠାରେ ଯେଉଁ ସମୟରେ ସେହି ଅଭିସ୍ୱୀକୃତି ଏହି ପ୍ରକାରେ ସ୍ୱାକ୍ଷରିତ କରାଗଲା ସେହି ସମୟଠାରୁ ଏକ ନୂତନ ପରିସୀମା କାଳାବଧି ସଂଗଣନା କରାଯିବ ।

(2) ଯେଉଁଠାରେ ଅଭିସ୍ୱୀକୃତି ଥିବା ଲେଖାରେ ତାରିଖ ନ ଥାଏ, ସେଠାରେ କେଉଁ ସମୟରେ ତାହା ସ୍ୱାକ୍ଷରିତ କରାଯାଇଥିଲା ସେ ସଂପର୍କରେ ମୌଖିକ ସାକ୍ଷ୍ୟ ଦିଆଯାଇପାରିବ, କିନ୍ତୁ ଭାରତୀୟ ସାକ୍ଷ୍ୟ ଅଧିନିୟମ, 1872 (1872ର 1) ର ଉପବନ୍ଧଗୁଡ଼ିକ ପ୍ରତିସାପେକ୍ଷ ରହି, ତାହାର ବିଷୟବସ୍ତୁର ମୌଖିକ ସାକ୍ଷ୍ୟ ଗ୍ରହଣ କରାଯିବ ନାହିଁ ।

ସ୍ପଷ୍ଟୀକରଣ––ଏହି ଧାରାର ପ୍ରୟୋଜନ ନିମିତ୍ତ–

(କ) ଅଭିସ୍ୱୀକୃତି ପର୍ଯ୍ୟାପ୍ତ ହୋଇ ପାରିବ ଯଦ୍ୟପି ତାହା ସଂପତ୍ତି ବା ଅଧିକାରର ଯଥାବତ ପ୍ରକୃତି ବିନିର୍ଦ୍ଦିଷ୍ଟ କରୁନଥାଏ, ବା ଅର୍ଥପ୍ରଦାନ, ପରିଦାନ, ସଂପାଦନ ବା ଉପଭୋଗର ସମୟ ଏ ପର୍ଯ୍ୟନ୍ତ ଆସି ନାହିଁ, ବୋଲି ନିଶ୍ଚିତ କରୁଥାଏ, ଅଥବା ତତ୍‌ସହ ସେହି ଅର୍ଥ ପ୍ରଦାନ, ପରିଦାନ ବା ସଂପାଦନ ଅଥବା ଉପଭୋଗ ପାଇଁ ଅନୁଜ୍ଞାର ପ୍ରତ୍ୟାଖ୍ୟାନ ଥାଏ ଅଥବା ମଜୁରାର କୌଣସି ଦାବି ତହିଁରେ ଯୋଡ଼ା ହୋଇଥାଏ, ଅଥବା ତାହା ସେହି ସଂପତ୍ତି ଅଧିକାରର ହକ୍‌ଦାର ବ୍ୟକ୍ତି, ଭିନ୍ନ ଅନ୍ୟ କୌଣସି ବ୍ୟକ୍ତିଙ୍କ ସଂବୋଧିତ ହୋଇଥାଏ,

(ଖ) "ସ୍ୱାକ୍ଷରିତ" ଶବ୍ଦଟିର ଅର୍ଥ ନିଜ ଦ୍ୱାରା କିମ୍ବା ସେଥି ନିମିତ୍ତ ସମ୍ୟକ ରୂପେ ପ୍ରାଧିକୃତ ଏଜେଣ୍ଟଙ୍କ ଦ୍ୱାରା ସ୍ୱାକ୍ଷରିତ ହୋଇଥିବା ଅଭିପ୍ରେତ ଅଟେ, ଏବଂ

(ଗ) କୌଣସି ଡ଼ିକ୍ରୀ କିମ୍ବା ଆଦେଶର ନିଷ୍ପାଦନ ପାଇଁ ଆବେଦନ କୌଣସି ସଂପତ୍ତି ବା ଅଧିକାର ସଂପର୍କରେ ଆବେଦନ ବୋଲି ବିବେଚିତ ହେବ ନାହିଁ ।

**ଋଣ ବାବଦକୁ କିମ୍ବା ଓ୍ୱସିୟତ ଉପରେ ସୁଧ ବାବଦକୁ ଅର୍ଥ ପ୍ରଦାନର ପ୍ରଭାବ ।**

19. ଯେଉଁଠାରେ ଋଣର କିମ୍ବା ଓ୍ୱସିୟତ ସଂପଦାର ଅର୍ଥ ପ୍ରଦାନ ପାଇଁ ଦାୟୀଥିବା ବ୍ୟକ୍ତିଙ୍କ ଦ୍ୱାରା ବା ଏଥି ନିମନ୍ତ ସମ୍ୟକ୍ ରୂପେ ପ୍ରାଧିକୃତ ତାହାଙ୍କ ଏଜେଣ୍ଟଙ୍କ ଦ୍ୱାରା ଋଣ ବାବଦକୁ ଅଥବା ଓ୍ୱସିୟତର ସୁଧ ବାବଦକୁ କୌଣସି ଅର୍ଥ ପ୍ରଦାନ ବିହିତ ପରିସୀମା କାଳାବଧିର ଅବସାନ ପୂର୍ବରୁ କରାଯାଏ ସେଠାରେ ଉକ୍ତ ଅର୍ଥ ପ୍ରଦାନ କରାଯିବା ସମୟଠାରୁ ନୂତନ ପରିସୀମା କାଳାବଧିର ସଂଗଣନା କରାଯିବ :

ପରନ୍ତୁ, ଯେଉଁ କ୍ଷେତ୍ରରେ ପ୍ରାଧିକୃତ ସୁଧ ପ୍ରଦାନ ଜାନୁଆରି ପହିଲା, 1928 ପୂର୍ବରୁ କରାଯାଇଥାଏ ସେହି କ୍ଷେତ୍ର ଭିନ୍ନ ଏହା ତେବେ ହେବ ଯେବେ କି ସେହି ଅର୍ଥପ୍ରଦାନର ଅଭିସ୍ୱୀକୃତି ଅର୍ଥ ପ୍ରଦାନ କରୁଥିବା ବ୍ୟକ୍ତିଙ୍କର ହସ୍ତାକ୍ଷରରେ ବା ତାହାଙ୍କ ଦ୍ୱାରା ସ୍ୱାକ୍ଷରିତ ଲେଖା ଦ୍ୱାରା ହୋଇଥାଏ ।

ସ୍ପଷ୍ଟୀକରଣ––ଏହି ଧାରାର ପ୍ରୟୋଜନ ନିମିତ୍ତ––

(କ) ଯେଉଁଠାରେ ବନ୍ଧକିତ ଭୂମି ବନ୍ଧକ ଗ୍ରହୀତାଙ୍କ ଦଖଲରେ ଥାଏ ସେଠାରେ ଏପରି ଭୂମିର ଖଜଣା ବା ଉପଜର ପ୍ରାପ୍ତି ଅର୍ଥପ୍ରଦାନ ବୋଲି ବିବେଚିତ ହେବ ;

(ଖ) ନ୍ୟାୟାଳୟର ଡ଼ିକ୍ରୀ ବା ଆଦେଶ ଅନୁଯାୟୀ ଦେୟଧନ 'ଋଣ'ର ଅନ୍ତର୍ଗତ ନୁହେଁ ।

**ଅନ୍ୟ ବ୍ୟକ୍ତିଙ୍କଦ୍ୱାରା ଅଭିସ୍ୱୀକୃତି ବା ଅର୍ଥ ପ୍ରଦାନର ପ୍ରଭାବ ।**

20.(1) ଧାରା 18 ଏବଂ 19 ରେ ଥିବା "ଏତଦୁପଲକ୍ଷେ ସମ୍ୟକ୍ ଭାବେ ପ୍ରାଧିକୃତ ଏଜେଣ୍ଟ" ଅଭିବ୍ୟକ୍ତି, ନିର୍ଯୋଗ୍ୟତାର ଅଧୀନ ବ୍ୟକ୍ତିଙ୍କ କ୍ଷେତ୍ରରେ ଅଭିସ୍ୱୀକୃତି ସ୍ୱାକ୍ଷର କରିବାକୁ ଅଥବା ଅର୍ଥ ପ୍ରଦାନ କରିବାକୁ ସେପରି ଅଭିଭାବକ, କମିଟି ବା ପରିଚାଳକଙ୍କ ଦ୍ୱାରା ସମ୍ୟକ୍ ଭାବେ ପ୍ରାଧିକୃତ ତାଙ୍କର ବିଧି ସମ୍ମତ ଅଭିଭାବକ, କମିଟି ବା ପରିଚାଳକ ବା ଏଜେଣ୍ଟଙ୍କୁ ଅନ୍ତର୍ଭୁକ୍ତ କରେ ।

(2) ଉକ୍ତ ଧାରାମାନଙ୍କରେ ଥିବା କୌଣସି ବିଷୟ ଅନେକ ସଂଯୁକ୍ତ ଚୁକ୍ତିକାର ଭାଗିଦାର, ନିଷ୍ପାଦକ କିମ୍ବା ବନ୍ଧକ ଗ୍ରହୀତାମାନଙ୍କ ମଧ୍ୟରୁ କୌଣସି ଜଣକୁ, ସେମାନଙ୍କ ମଧ୍ୟରୁ କୌଣସି ଅନ୍ୟ ଜଣଙ୍କ ବା ଅନ୍ୟମାନଙ୍କ ଦ୍ୱାରା କିମ୍ବା ତାହାଙ୍କର ବା ସେମାନଙ୍କର ଏଜେଣ୍ଟଙ୍କ ଦ୍ୱାରା ସ୍ୱାକ୍ଷରିତ ଏକ ଲିଖିତ ଅଭିସ୍ୱୀକୃତି ବା କରାଯାଇଥିବା କୌଣସି ଅର୍ଥପ୍ରଦାନ କାରଣରୁ ପ୍ରଭାର୍ଯ୍ୟ କରିଦିଏ ନାହିଁ ।

(3) ଉକ୍ତ ଧାରାମାନଙ୍କର ପ୍ରୟୋଜନ ନିମିତ୍ତ:—

(କ) ସଂପତ୍ତିର କୌଣସି ପରିସୀମିତ ମାଲିକଙ୍କ ଦ୍ୱାରା, ଯେ କି ହିନ୍ଦୁ ବିଧି ଦ୍ୱାରା ଶାସିତ ହେଉଥାନ୍ତି, ବା ତାହାଙ୍କର ସମ୍ୟକ୍ ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଦ୍ୱାରା କୌଣସି ଦାୟିତ୍ୱ ବାବଦ ଅଭିସ୍ୱୀକୃତି ବା କରାଯାଇଥିବା ଅର୍ଥପ୍ରଦାନ ଏପରି ଦାୟିତ୍ୱକୁ ଉତ୍ତରାଧିକାର ସୂତ୍ରେ ପାଉଥିବା ଉତ୍ତରଭୋଗୀଙ୍କ ବିରୁଦ୍ଧରେ, ଯଥାସ୍ଥିତି, ବିଧିମାନ୍ୟ ଅଭିସ୍ୱୀକୃତି ବା ଅର୍ଥ ପ୍ରଦାନ ହେବ ; ଏବଂ

(ଖ) ଯେଉଁଠାରେ ଅବିଭକ୍ତ ହିନ୍ଦୁ ପରିବାର ଦ୍ୱାରା ବା ତରଫରୁ କୌଣସି ଦାୟିତ୍ୱ ସେହି ଭାବେ ଉପଗତ କରାଯାଇଥାଏ, ସେଠାରେ ପରିବାରର ତତ୍‌ସମୟ କର୍ତ୍ତା ବା ତାହାଙ୍କର ସମ୍ୟକ୍‌ଭାବେ ପ୍ରାଧିକୃତ ଏଜେଣ୍ଟଙ୍କ ଦ୍ୱାରା କରାଯାଇଥିବା ଅଭିସ୍ୱୀକୃତି ବା ଅର୍ଥପ୍ରଦାନ ସେହି ସାରା ପରିବାର ତରଫରୁ କରାଯାଇଅଛି ବୋଲି ବିବେଚିତ ହେବ ।

**ନୂତନ ବାଦୀ ବା ପ୍ରତିବାଦୀ ପ୍ରତିସ୍ଥାପିତ କରିବା ବା ଯୋଗ-କରିବାର ପ୍ରଭାବ ।**

21. (1) ଯେଉଁଠାରେ ମୋକଦ୍ଦମା ସଂସ୍ଥିତ ହେବା ପରେ କୌଣସି ନୂତନ ବାଦୀ ବା ପ୍ରତିବାଦୀ ପ୍ରତିସ୍ଥାପିତ କରାଯାଏ ବା ଯୋଗ କରାଯାଏ ସେଠାରେ, ମକଦ୍ଦମା ସେହି ବ୍ୟକ୍ତିଙ୍କ ସମ୍ବନ୍ଧରେ ସେହି ସମୟରେ ସଂସ୍ଥିତ କରାଯାଇଅଛି ବୋଲି ବିବେଚିତ ହେବ, ଯେବେକି ସେ ଏହି ପ୍ରକାରେ ପକ୍ଷ ହେଲେ :

ପରନ୍ତୁ ଯେଉଁଠାରେ ନ୍ୟାୟାଳୟ ସନ୍ତୁଷ୍ଟ ହୁଅନ୍ତି ଯେ ନୂତନ ବାଦୀ ବା ପ୍ରତିବାଦୀଙ୍କୁ ଅନ୍ତର୍ଭୁକ୍ତ କରିବା ସଦ୍‌ବିଶ୍ୱାସ ପୂର୍ବକ ହୋଇ ଯାଇଥିବା ଭ୍ରମ କ୍ରମେ ଲୋପ ହୋଇଥିଲା ସେଠାରେ ଏପରି ବାଦୀ ବା ପ୍ରତିବାଦୀଙ୍କ ସମ୍ବନ୍ଧରେ ମକଦ୍ଦମା କୌଣସି ପୂର୍ବବର୍ତ୍ତୀ ତାରିଖରୁ ସଂସ୍ଥିତ କରାଯାଇଥିବାର ବିବେଚିତ ହେବ ବୋଲି ଏହା ନିର୍ଦ୍ଦେଶ ଦେଇ ପାରିବେ ।

(2) ଉପଧାରା (1)ର କୌଣସି ବିଷୟ ଏପରି ମାମଲାରେ ପ୍ରଯୋଜ୍ୟ ହେବ ନାହିଁ ଯହିଁରେ କି ମକଦ୍ଦମା ଲମ୍ବିତ ଥିବା ସମୟରେ ହୋଇଥିବା କୌଣସି ହିତର ସମନୁଦେଶନ ବା ନ୍ୟାଗମନ ହେତୁ କୌଣସି ପକ୍ଷକାରଙ୍କୁ ଯୋଗ ବା ପ୍ରତିସ୍ଥାପିତ କରାଯାଏ ବା ଯହିଁରେ ବାଦୀକୁ ପ୍ରତିବାଦୀ କିମ୍ବା ପ୍ରତିବାଦୀଙ୍କୁ ବାଦୀ କରାଯାଏ ।

**ଚାଲୁ ରହିଥିବା ଭଙ୍ଗ ଅପକୃତ୍ୟ ।**

22. କୌଣସି ଚାଲୁ ରହିଥିବା ଚୁକ୍ତିଭଙ୍ଗ ବା ଚାଲୁ ରହିଥିବା ଅପକୃତ୍ୟ ସ୍ଥଳରେ ଯେଉଁ ସମୟ ମଧ୍ୟରେ, ଯଥାସ୍ଥିତି, ଏପରି ଚୁକ୍ତିଭଙ୍ଗ ବା ଅପକୃତ୍ୟ ଚାଲୁ ରହିଥାଏ ତାହାର ପ୍ରତିକ୍ଷଣରେ ନୂତନ ପରିସୀମା କାଳାବଧିର ଚାଳନ ଆରମ୍ଭ ହେଉଥାଏ ।

**ବିଶେଷ କ୍ଷେତ୍ରସାନ ବିନା ଅଭିଯୋଜ୍ୟ ହୋଇନଥିବା କାର୍ଯ୍ୟର କ୍ଷତିପୂରଣ ପାଇଁ ମକଦ୍ଦମା ।**

23. ଯେଉଁ କାର୍ଯ୍ୟର ପରିଣାମ ସ୍ୱରୂପ କୌଣସି ବିନିର୍ଦ୍ଦିଷ୍ଟ କ୍ଷତି ବସ୍ତୁତଃ ନ ଘଟିବା ପର୍ଯ୍ୟନ୍ତ ତହିଁରୁ କୌଣସି ବାଦ ହେତୁକ ଉଦ୍‌ଭୂତ ହୁଏନାହିଁ, ସେହିକାର୍ଯ୍ୟ ପାଇଁ କ୍ଷତିପୂରଣ ନିମିତ୍ତ ମକଦ୍ଦମା ସ୍ଥଳରେ ପରିସୀମା କାଳାବଧିର ସଂଗଣନା ସେହି କ୍ଷତି ଘଟିଥିବା ସମୟଠାରୁ କରାଯିବ ।

**ବିଲେଖମାନଙ୍କରେ ବର୍ଣ୍ଣିତ ସମୟର ସଂଗଣନା**

24. ସମସ୍ତ ବିଲେଖମାନ ଏହି ଅଧ୍ୟାୟର ପ୍ରୟୋଜନ ନିମିତ୍ତ ଗ୍ରିଗରିୟନ କ୍ୟାଲେଣ୍ଡରର ସୂଚନା କ୍ରମେ ଲେଖାଯାଇ ଅଛି ବୋଲି ବିବେଚିତ ହେବ ।

## ଭାଗ IV

### ଦଖଲ ଦ୍ୱାରା ମାଲିକ ସ୍ୱତ୍ୱ ଅର୍ଜନ

*ଚିରଭୋଗ ଦ୍ୱାରା ସୁଖାଗ୍ରର ଅର୍ଜନ।*

25. (1) ଯେଉଁଠାରେ କୌଣସି ନିର୍ମାଣର ଉପଭୋଗ ସହିତ ସେଥିରେ ବା ସେଥି ନିମିତ୍ତ ଆଲୋକ ବା ବାୟୁର ପ୍ରବେଶ ଓ ଉପଯୋଗର ଉପଭୋଗ ସୁଖାଗ୍ରର ରୂପେ ଓ ଅଧିକାର ରୂପେ, ବିନା ବିଘ୍ନରେ ଓ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଶାନ୍ତି ପୂର୍ବକ କରାଯାଇଥାଏ, ତଥା ଯେଉଁଠାରେ କୌଣସି ମାର୍ଗର ବା ଜଳ ସରଣୀର ବା କୌଣସି ଜଳର ଉପଯୋଗର ଅଥବା ଅନ୍ୟ କୌଣସି ସୁଖାଗ୍ରର (ତାହା ସକାରାତ୍ମକ ହେଉ ବା ନକାରାତ୍ମକ ହେଉ) ଉପଭୋଗ ଏପରି କୌଣସି ବ୍ୟକ୍ତି ଦ୍ୱାରା ଯେ କି ସୁଖାଗ୍ରର ରୂପେ ଓ ଅଧିକାର ରୂପେ ତାହା ଉପରେ ହକ୍ ରଖିଥିବା ଦାବି କରୁଥାନ୍ତି, ବିନା ବିଘ୍ନରେ ଓ କୋଡ଼ିଏ ବର୍ଷ ପର୍ଯ୍ୟନ୍ତ ଶାନ୍ତି ପୂର୍ବକ ତଥା ଖୋଲା ଭାବରେ କରାଯାଇଥାଏ, ସେଠାରେ ଆଲୋକ ବାୟୁର ଏପରି ପ୍ରବେଶ ଓ ଉପଯୋଗର ବା ଏପରି ମାର୍ଗ, ଜଳ ସରଣୀ, ଜଳର ଉପଯୋଗ ଅଥବା ଅନ୍ୟ ସୁଖାଗ୍ରର ଅଧିକାର ପକ୍କା ଓ ଅଜେୟ ହୋଇଯିବ ।

(2) ଉକ୍ତ କୋଡ଼ିଏ ବର୍ଷିଆ କାଳାବଧିମାନଙ୍କ ମଧ୍ୟରୁ ପ୍ରତ୍ୟେକ ଏପରି କାଳାବଧି ବୋଲି ଧରାଯିବ ଯାହାର ଅନ୍ତ ସେହି ମକଦ୍ଦମା ସଂସ୍ଥିତ କରାଯିବାର ଅବ୍ୟବହିତ ପୂର୍ବ ଦୁଇବର୍ଷ ଭିତରେ ହୋଇଥିବ, ଯହିଁରେ କି ସେହି ଦାବି ଯାହା ସହିତ ଏପରି କାଳାବଧି ସମ୍ବନ୍ଧିତ ଅଟେ ତାହାର ପ୍ରତିବାଦ କରାଯାଇଥିବ ।

(3) ଯେଉଁଠାରେ ସେହି ସଂପତ୍ତି ଯାହା ଉପରେ କି ଉପଧାରା (1) ଅନୁଯାୟୀ କୌଣସି ଅଧିକାର ଦାବି କରାଯାଏ, ତାହା ସରକାରଙ୍କର ହୋଇଥାଏ, ସେଠାରେ ସେହି ଉପଧାରା ଏପରି ପଢ଼ାଯିବ ଯେପରି କି "କୋଡ଼ିଏ ବର୍ଷ" ଶବ୍ଦାବଳୀ ସ୍ଥାନରେ "ତିରିଶ ବର୍ଷ" ଶବ୍ଦାବଳୀ ପ୍ରତିସ୍ଥାପିତ କରାଯାଇଅଛି ।

ସ୍ପଷ୍ଟୀକରଣ –କୌଣସି ବିଷୟ ଏହି ଧାରାର ଅର୍ଥ ମଧ୍ୟରେ ବିଘ୍ନ ନୁହେଁ ଯେ ପର୍ଯ୍ୟନ୍ତ କି ଦାବିଦାରଙ୍କଠାରୁ ଭିନ୍ନ କୌଣସି ବ୍ୟକ୍ତିଙ୍କର କାର୍ଯ୍ୟଦ୍ୱାରା ଘଟିଥିବା ବାଧା ହେତୁ ସେହି ଦଖଲ ବା ଉପଭୋଗର ବାସ୍ତବିକ ବିଛେଦ ନ ହୋଇଯାଏ ଏବଂ ଯେ ପର୍ଯ୍ୟନ୍ତ କି ସେହି ବାଧାର ତଥା ବାଧା ହେଉଥିବା ବା ବାଧା ଦିଆଯିବାକୁ ପ୍ରାଧିକୃତ କରୁଥିବା ବ୍ୟକ୍ତିଙ୍କ ସୂଚନା ଦାବିଦାର ପାଇବା ପରେ ଏକବର୍ଷ ପାଇଁ ସେହି ବାଧାକୁ ସହନ କରି ନ ଥାନ୍ତି ବା ସେଥି ପ୍ରତି ଉପମତ ନ ଥାନ୍ତି ।

*ଉତ୍ତରଭୋଗୀଙ୍କ ସପକ୍ଷରେ ଅନୁସେବୀ ସଂପତ୍ତିର ବର୍ଜନ ।*

26. ଯେଉଁଠାରେ କୌଣସି ଭୂମି ବା ଜଳ, ଯହିଁରେ, ଯାହା ଉପରେ ବା ଯହିଁରୁ କୌଣସି ସୁଖାଗ୍ରର ଉପଭୁକ୍ତ ବା ବ୍ୟୁତ୍ପନ୍ନ କରାଯାଇଥାଏ, କୌଣସି ଆଜୀବନ ହିତ ଅଧୀନରେ ବା ତାହାର ଆଧାର ଉପରେ ଅଥବା ବର୍ଷ ଅବଧିରେ ତାହା ଅନୁଦତ୍ତ ହେବା ସମୟରୁ ତିନିବର୍ଷରୁ ଅଧିକ କାଳ ପାଇଁ ଧାରିତ ହୋଇଥାଏ, ସେଠାରେ ଏପରି ସୁଖାଗ୍ରର ଯେତିକି ସମୟ ପର୍ଯ୍ୟନ୍ତ ଏପରି ହିତ ବା ଅବଧି ଚାଲୁ ରହିଥିବା ସମୟ ମଧ୍ୟରେ ଉପଭୋଗ କରାଯାଇଥିବ ସେତିକି ସମୟ କୋଡ଼ିଏ ବର୍ଷର କାଳାବଧିର ସଂଗଣନାରେ ସେହି ସ୍ଥଳରେ ବର୍ଜିତ କରି ଦିଆଯିବ ଯହିଁରେ କି ତାହା ଉପରେ ଦାବିର ପ୍ରତିରୋଧ ଏପରି ହିତ ବା ଅବଧିର ପର୍ଯ୍ୟବସାନର ଅବ୍ୟବହିତ ପରେ ତିନିବର୍ଷ ମଧ୍ୟରେ ଏପରି ବ୍ୟକ୍ତିଙ୍କ ଦ୍ୱାରା କରାଯାଏ ଯେ କି ଏପରି ପର୍ଯ୍ୟବସାନ ପରେ ଉକ୍ତ ଭୂମି ବା ଜଳର ହକ୍‌ଦାର ହୋଇଥାନ୍ତି ।

*ସଂପତ୍ତି ଉପରେ ଅଧିକାରର ନିର୍ବାପନ ।*

27. କୌଣସି ସଂପତ୍ତିର ଦଖଲ ପାଇଁ ମକଦ୍ଦମା ସଂସ୍ଥିତ କରାଯିବା ନିମିତ୍ତ କୌଣସି ବ୍ୟକ୍ତିଙ୍କ ପାଇଁ ଏତଦ୍ଦ୍ୱାରା ପରିସୀମିତ କାଳାବଧିର ପର୍ଯ୍ୟବସାନ ଘଟିଲେ ଏପରି ସଂପତ୍ତି ଉପରେ ତାହାଙ୍କର ଅଧିକାର ନିର୍ବାପିତ ହୋଇଯିବ ।

## ଭାଗ V

### ବିବିଧ

*କେତେକ ଅଧିନିୟମର ସଂଶୋଧନ ।*

28. ଭାରତୀୟ ସୁଖାଗ୍ରର ଅଧିନିୟମ, 1882 (1882 ର 5) ର ଧାରା 15 ରେ ଥିବା, "ଷାଠିଏବର୍ଷ" ଶବ୍ଦାବଳୀ ସ୍ଥାନରେ "ତିରିଶ ବର୍ଷ" ଶବ୍ଦାବଳୀ ପ୍ରତିସ୍ଥାପିତ କରି ଦିଆଯିବ ଏବଂ ସିଭିଲ ପ୍ରକ୍ରିୟା ସଂହିତା, 1908 ( 1908 ର 5 ) ର ଧାରା 48 ଲୋପ କରି ଦିଆଯିବ ।

*ବ୍ୟାବୃତ୍ତି*

29. (1) ଏହି ଅଧିନିୟମର କୌଣସି ବିଷୟ ଭାରତୀୟ ଚୁକ୍ତି ଅଧିନିୟମ, 1872 (1872 ର 9) ର ଧାରା 25 ଉପରେ ପ୍ରଭାବ ପକାଇବ ନାହିଁ ।

(2) ଯେଉଁଠାରେ କୌଣସି ବିଶେଷ ବା ସ୍ଥାନୀୟ ବିଧି କୌଣସି ମକଦ୍ଦମା, ଅପିଲ ବା ଆବେଦନ ପାଇଁ ଏପରି ପରିସୀମା କାଳାବଧି ବିହିତ କରିଥାଏ ଯାହାକି ଅନୁସୂଚୀ ଦ୍ୱାରା ବିହିତ ପରିସୀମା କାଳାବଧି ଠାରୁ ଭିନ୍ନ ହୋଇଥାଏ, ସେଠାରେ ଧାରା 3 ର ଉପବନ୍ଧମାନ ଏପରି ପ୍ରଯୋଜ୍ୟ ହେବ, ସତେ ଯେପରି ଉକ୍ତ ପରିସୀମା କାଳାବଧି, ଅନୁସୂଚୀ ଦ୍ୱାରା ବିହିତ ପରିସୀମା କାଳାବଧି ଅଟେ, ଏବଂ କୌଣସି ମକଦ୍ଦମା, ଅପିଲ ବା ଆବେଦନ ନିମିତ୍ତ କୌଣସି ବିଶେଷ ବା ସ୍ଥାନୀୟ ବିଧି ଦ୍ୱାରା ବିହିତ ପରିସୀମା କାଳାବଧି ଅବଧାରଣ କରିବାର ପ୍ରୟୋଜନ ନିମିତ୍ତ ଧାରା 4 ଠାରୁ 24 (ଉଭୟ ସମେତ)ରେ ଥିବା ଉପବନ୍ଧମାନ କେବଳ ସେହି ପର୍ଯ୍ୟନ୍ତ ଓ ସେହି ବିସ୍ତାର ପର୍ଯ୍ୟନ୍ତ ଲାଗୁ ହେବ ଯେଉଁ ପର୍ଯ୍ୟନ୍ତ ତଥା ଯେଉଁ ବିସ୍ତାର ପର୍ଯ୍ୟନ୍ତ ତାହା ସେହି ବିଶେଷ ବା ସ୍ଥାନୀୟ ବିଧି ଦ୍ୱାରା ଅଭିବ୍ୟକ୍ତ ଭାବରେ ବର୍ଜିତ ହୋଇ ନ ଥିବ ।

(3) ବିବାହ ଓ ବିବାହ-ବିଚ୍ଛେଦ ବିଷୟରେ ତତ୍ ସମୟେ ପ୍ରବୃତ୍ତ କୌଣସି ବିଧିରେ ଅନ୍ୟଥା ଉପବନ୍ଧିତ ହୋଇଥିବା ବ୍ୟତିରେକେ, ଏହି ଅଧିନିୟମର କୌଣସି ବିଷୟ ଏପରି କୌଣସି ବିଧି ଅନୁଯାୟୀ କୌଣସି ମକଦ୍ଦମା ବା ଅନ୍ୟ କାର୍ଯ୍ୟବିଧି ପ୍ରତି ପ୍ରଯୋଜ୍ୟ ହେବନାହିଁ ।

(4) ଧାରା 25 ଓ 26 ତଥା ଧାରା 2 ରେ ଥିବା "ସୁଖାଧିକାର"ର ସଂଜ୍ଞା ସେହି ରାଜ୍ୟକ୍ଷେତ୍ରମାନଙ୍କରେ ଉଦ୍‌ଭୂତ ମାମଲାମାନଙ୍କ ପ୍ରତି ପ୍ରଯୋଜ୍ୟ ହେବ ନାହିଁ ଯାହା ଉପରେ କି ଭାରତୀୟ ସୁଖାଧିକାର ଅଧିନିୟମ, 1882 (1882ର 5) ର ତତ୍ ସମୟେ ବିସ୍ତାର ଥିବ ।

ଯେଉଁ ମକଦ୍ଦମା ଆଦି ପାଇଁ ବିହିତ କାଳାବଧି ଭାରତୀୟ ପରିସୀମା ଅଧିନିୟମ, 1908 ଦ୍ୱାରା ବିହିତ କାଳାବଧିଠାରୁ କମ୍ ସେସବୁ ପାଇଁ ଉପବନ୍ଧ ।

30. ଏହି ଅଧିନିୟମରେ ଯାହାକିଛି ଥିବା ସତ୍ତ୍ୱେ,—

(କ) କୌଣସି ମକଦ୍ଦମା ଯାହା ପାଇଁ ପରିସୀମା କାଳାବଧି ଭାରତୀୟ ପରିସୀମା ଅଧିନିୟମ, 1908 ଦ୍ୱାରା ବିହିତ ପରିସୀମା କାଳାବଧିଠାରୁ କମ୍ ଅଟେ ଏହି ଅଧିନିୟମର ପ୍ରାରମ୍ଭ ହେବାର ଅବ୍ୟବହିତ ପରବର୍ତ୍ତୀ ସାତ ବର୍ଷର କାଳାବଧି ଏବଂ ଏପରି ମକଦ୍ଦମା ପାଇଁ ଭାରତୀୟ ପରିସୀମା ଅଧିନିୟମ, 1908 ଦ୍ୱାରା ବିହିତ ପରିସୀମା କାଳାବଧି ଏ ଦୁଇଟି ମଧ୍ୟରୁ ଯାହାର ଅବସାନ ପ୍ରଥମେ ହେଉଥିବ ତାହାରି ଭିତରେ ସଂସ୍ଥିତ କରାଯାଇପାରିବ :

ପରନ୍ତୁ ଯଦି, ସେପରି କୌଣସି ମକଦ୍ଦମା କ୍ଷେତ୍ରରେ ଉକ୍ତ ସାତବର୍ଷର କାଳାବଧି ଭାରତୀୟ ପରିସୀମା ଅଧିନିୟମ, 1908 ରେ ଏଥି ନିମିତ୍ତ ବିହିତ କାଳାବଧି ପୂର୍ବରୁ ଅବସାନ ହୁଏ ଏବଂ ଭାରତୀୟ ପରିସୀମା ଅଧିନିୟମ, 1908 ଅନୁଯାୟୀ ମକଦ୍ଦମା ସଂପର୍କରେ ଥିବା ପରିସୀମା କାଳାବଧି ସମେତ ଉକ୍ତ ସାତବର୍ଷ କାଳାବଧି, ଯାହାକି ଏହି ଅଧିନିୟମର ପ୍ରାରମ୍ଭ ପୂର୍ବରୁ ଅବସାନ ହୋଇଯାଇଥାଏ, ଏହି ଅଧିନିୟମ ଅନୁଯାୟୀ ସେହି ମକଦ୍ଦମା ସଂପର୍କରେ ବିହିତ କାଳାବଧି ଠାରୁ କମ୍ ଅଟେ, ତେବେ ମକଦ୍ଦମାଟି ଏହି ଅଧିନିୟମ ଅନୁଯାୟୀ ଏଥି ନିମିତ୍ତ ବିହିତ ପରିସୀମା କାଳାବଧି ମଧ୍ୟରେ ସଂସ୍ଥିତ ହୋଇପାରିବ ।

(ଖ) କୌଣସି ଅପିଲ ବା ଆବେଦନ ଯାହାପାଇଁ ପରିସୀମା କାଳାବଧି ଭାରତୀୟ ପରିସୀମା ଅଧିନିୟମ, 1908 ଦ୍ୱାରା ବିହିତ ପରିସୀମା କାଳାବଧି ଠାରୁ କମ୍ ଅଟେ ତାହା ଏହି ଅଧିନିୟମ ପ୍ରାରମ୍ଭ ହେବାର ଠିକ୍ ପଶ୍ଚାତ୍‌ବର୍ତ୍ତୀ ନବେ ଦିନ କାଳାବଧି ମଧ୍ୟରେ କିମ୍ବା ଭାରତୀୟ ପରିସୀମା ଅଧିନିୟମ, 1908 ଦ୍ୱାରା ସେପରି ଅପିଲ ବା ଆବେଦନ ପାଇଁ ବିହିତ ହୋଇଥିବା ପରିସୀମା କାଳାବଧି ମଧ୍ୟରେ, ଏ ଦୁଇଟି କାଳାବଧି ମଧ୍ୟରୁ ଯାହାର ଅବସାନ ପ୍ରଥମେ ହେଉଥିବ ତାହାରି ଭିତରେ ଆଗତ କରାଯାଇ-ପାରିବ, ବା କରାଯାଇ ପାରିବ ।

ପ୍ରତିବନ୍ଧିତ ବା ବିଚାରାଧୀନ ଥିବା ମକଦ୍ଦମା ଆଦି ସମ୍ବନ୍ଧରେ ଉପବନ୍ଧ ।

31. ଏହି ଅଧିନିୟମରେ ଥିବା ଯେକୌଣସି ବିଷୟ —

(କ) ଏପରି କୌଣସି ମକଦ୍ଦମା ସଂସ୍ଥିତ କରାଯିବା ଅପିଲ ଆଗତ ବା ଆବେଦନ କରାଯିବା ପାଇଁ ସକ୍ଷମ କରିବ ନାହିଁ ଯାହାପାଇଁ କି ଭାରତୀୟ ପରିସୀମା ଅଧିନିୟମ, 1908 ଦ୍ୱାରା ବିହିତ ପରିସୀମା କାଳାବଧିର ଅବସାନ ଏହି ଅଧିନିୟମର ପ୍ରାରମ୍ଭ ହେବା ପୂର୍ବରୁ ହୋଇଯାଇଥାଏ; ଅଥବା

(ଖ) ଏପରି ପ୍ରାରମ୍ଭ ପୂର୍ବରୁ ସଂସ୍ଥିତ, ଆଗତ ବା କରାଯାଇଥିବା ଏବଂ ଏପରି ପ୍ରାରମ୍ଭ ସମୟରେ ବିଚାରାଧୀନ ଥିବା କୌଣସି ମକଦ୍ଦମା, ଅପିଲ ବା ଆବେଦନ ଉପରେ ପ୍ରଭାବ ପକାଇବ ନାହିଁ ।

ନିରସନ

32. ଭାରତୀୟ ପରିସୀମା ଅଧିନିୟମ, 1908 (1908 ର 9) ଏତଦ୍ଦ୍ୱାରା ନିରସିତ ହେଲା ।

# ଅନୁସୂଚୀ

## ପରିସୀମା କାଳାବଧି

[ ଧାରା 2 (ଙ) ଓ ଧାରା 3 ଦ୍ରଷ୍ଟବ୍ୟ ]

### ପ୍ରଥମ ପ୍ରସଙ୍ଗ—ମକଦ୍ଦମା

| ମକଦ୍ଦମାର ବର୍ଣ୍ଣନା | ପରିସୀମା କାଳାବଧି | କେଉଁ ସମୟଠାରୁ କାଳାବଧିର ଚଳନ ଆରମ୍ଭ ହୁଏ |
|---|---|---|
| (1) | (2) | (3) |
| **ଭାଗ I** | | |
| ହିସାବ ସଂପର୍କିତ ମକଦ୍ଦମା | | |
| 1. ପାରସ୍ପରିକ, ଖୋଲା ତଥା ଚଲୁ ଖାତାରେ ଶୋଧ୍ୟ ବାକି ନିମିତ୍ତ, ଯେଉଁଠାରେ କି ପକ୍ଷକାରମାନଙ୍କ ମଧ୍ୟରେ ବ୍ୟତିକାରୀ ତଲବ କରାହୋଇଥାଏ । | ତିନି ବର୍ଷ | ସେହି ବର୍ଷର ଅନ୍ତ ଯହିଁରେ କି—ସ୍ୱୀକୃତ ବା ପ୍ରମାଣିତ ଅନ୍ତିମ ବିଷୟ ହିସାବରେ ଦରଜ କରାଯାଇଥାଏ, ଏପରି ବର୍ଷର ସଙ୍ଗଣନା ସେହିପରି କରାଯିବ ଯେପରି ତାହା ହିସାବରେ କରାଯାଇଥିବ । |
| 2. ଗୁମାସ୍ତାଙ୍କ ବିରୁଦ୍ଧରେ ହିସାବ ନିମିତ୍ତ | ତିନି ବର୍ଷ | ଏଜେନସି ଚଲୁ ରହିଥିବା ମଧ୍ୟରେ ଯେବେ ହିସାବ ମଗାଯାଇଥାଏ ଓ ମନା କରି ଦିଆଯାଇଥାଏ କିମ୍ବା ଯେଉଁଠାରେ ଏପରି ତଲବ କରାଯାଇ ନଥାଏ, ସେଠାରେ ଯେବେ ଏଜେନ୍‌ସିର ପର୍ଯ୍ୟବସାନ ହୋଇଯାଏ । |
| 3. ମୁନିବଙ୍କ ଦ୍ୱାରା ତାହାଙ୍କ ଏଜେଣ୍ଟଙ୍କ ବିରୁଦ୍ଧରେ ସେହି ଅସ୍ଥାବର ସଂପତ୍ତି ପାଇଁ ଯାହାକି ଏଜେଣ୍ଟଙ୍କ ଦ୍ୱାରା ପ୍ରାପ୍ତ କରାଯାଇଥାଏ, କିନ୍ତୁ ଯାହାର ହିସାବ ସାମିଲ ହୋଇ-ନଥାଏ । | ତିନି ବର୍ଷ | ଏଜେନ୍‌ସି ଚଲୁ ରହିଥିବା ଅବସ୍ଥାରେ ଯେବେ ହିସାବ ମଗାଯାଇଥାଏ ଏବଂ ଦେବାକୁ ମନା କରି ଦିଆଯାଇଥାଏ କିମ୍ବା ଯେଉଁଠାରେ ଏପରି ତଲବ କରାଯାଇ ନଥାଏ, ସେଠାରେ ଯେବେ ଏଜେନ୍‌ସିର ପର୍ଯ୍ୟବସାନ ହୋଇଯାଏ । |
| 4. ଅବହେଳା ବା ଅସଦାଚରଣ ଯୋଗୁଁ ମୁନିବଙ୍କ ଦ୍ୱାରା ଏଜେଣ୍ଟଙ୍କ ବିରୁଦ୍ଧରେ ଅନ୍ୟାନ୍ୟ ମକଦ୍ଦମା । | ତିନି ବର୍ଷ | ଯେତେବେଳେ ଅବହେଳା ବା ଅସଦାଚରଣ ବାଦୀଙ୍କୁ ଜଣାପଡ଼େ । |
| 5. ବିଘଟିତ ଭାଗୀଦାରିର ହିସାବ ଓ ଲଭର ଅଂଶ ନିମିତ୍ତ | ତିନି ବର୍ଷ | ବିଘଟନର ତାରିଖ । |
| **ଭାଗ II** | | |
| ଚୁକ୍ତି ସମ୍ବନ୍ଧୀୟ ମକଦ୍ଦମା | | |
| 6. କୌଣସି ନାବିକର ମଜୁରି ନିମିତ୍ତ | ତିନି ବର୍ଷ | ଯେଉଁ ଜଳଯାତ୍ରା ସମୟରେ ମଜୁରି ଉପାର୍ଜିତ ହୋଇଥାଏ ତାହାର ଅନ୍ତେ । |
| 7. ଅନ୍ୟ କୌଣସି ବ୍ୟକ୍ତିଙ୍କ ମଜୁରି ନିମିତ୍ତ | ତିନି ବର୍ଷ | ଯେବେ ପ୍ରୋଦ୍‌ଭୂତ ମଜୁରି ଶୋଧ୍ୟ ହୁଏ । |
| 8. ହୋଟେଲ, ପାନ୍ଥଶାଳା ବା ବସାଘର ଚଳାଉଥିବା ବ୍ୟକ୍ତିଙ୍କ ଦ୍ୱାରା ବିକ୍ରୀ କରାଯାଇଥିବା ଖାଦ୍ୟ ବା ପେୟର ମୂଲ୍ୟ ନିମିତ୍ତ । | ତିନି ବର୍ଷ | ଯେବେ ଖାଦ୍ୟ ବା ପେୟ ପରିଦତ୍ତ କରା-ଯାଇଥାଏ । |
| 9. ବସାଘରେ ରହିବାର ମୂଲ୍ୟ ନିମିତ୍ତ | ତିନି ବର୍ଷ | ଯେତେବେଳେ ମୂଲ୍ୟ ପ୍ରଦେୟ ହେବ । |

| (1) | (2) | (3) |
|---|---|---|
| 10. ବାହକଙ୍କ ବିରୁଦ୍ଧରେ ମାଲ ହଜାଇ ଦେବା ବା କ୍ଷତି କରିଥିବା କାରଣରୁ କ୍ଷତିପୂରଣ ନିମିତ୍ତ । | ତିନି ବର୍ଷ | ଯେବେ ମାଲ ହଜିଯାଏ ବା କ୍ଷତି ଘଟେ । |
| 11. ବାହକଙ୍କ ବିରୁଦ୍ଧରେ ମାଲର ଅପରିଦାନ ବା ପରିଦାନରେ ବିଳମ୍ବ କାରଣରୁ କ୍ଷତିପୂରଣ ନିମିତ୍ତ । | ତିନି ବର୍ଷ | ଯେବେ ମାଲ ପରିଦତ୍ତ କରାଯିବା ଉଚିତ ଥିଲା । |
| 12. ଜୀବଜନ୍ତୁ, ଯାନ, ନୌକା ବା ଘରୋଇ ଆସବାବର ଭଡ଼ା ନିମିତ୍ତ । | ତିନି ବର୍ଷ | ଯେବେ ଭଡ଼ା ଦେୟ ହୋଇଯାଏ । |
| 13. ପରିଦତ୍ତ କରାଯିବା ମାଲ ପାଇଁ ଅର୍ଥପ୍ରଦାନର ଅଗ୍ରିମ ଦିଆଯାଇଥିବା ବାକି ଧନ ନିମିତ୍ତ । | ତିନି ବର୍ଷ | ଯେବେ ମାଲ ପରିଦତ୍ତ କରାଯିବା ଉଚିତ ଥିଲା । |
| 14. ବିକ୍ରୟ ଓ ପରିଦତ୍ତ କରାଯାଇଥିବା ମାଲର ମୂଲ୍ୟ ନିମିତ୍ତ, ଯେଉଁଠାରେ କି ଉଧାର ପାଇଁ କୌଣସି ଧାର୍ଯ୍ୟ କାଳାବଧିର ରାଜିନାମା କରାଯାଇ ନ ଥାଏ । | ତିନି ବର୍ଷ | ମାଲର ପରିଦାନ ତାରିଖ । |
| 15. ବିକ୍ରୟ ଓ ପରିଦତ୍ତ କରାଯାଇଥିବା ସେହି ମାଲର ମୂଲ୍ୟ ନିମିତ୍ତ ଯାହାପାଇଁ ଅର୍ଥ ପ୍ରଦାନ ଉଧାରର ଧାର୍ଯ୍ୟ କଳାବଧିର ଅବସାନ ପରେ କରାଯିବା କଥା । | ତିନି ବର୍ଷ | ଯେବେ ଉଧାରର କାଳାବଧିର ଅବସାନ ହୋଇଯାଏ । |
| 16. ବିକ୍ରୟ ଓ ପରିଦତ୍ତ କରାଯାଇଥିବା ମାଲର ମୂଲ୍ୟ ନିମିତ୍ତ ଯାହାର ଅର୍ଥ ପ୍ରଦାନ ବିନିମୟ ପତ୍ର ଦ୍ୱାରା କରାଯିବାର କଥା କିନ୍ତୁ ଏପରି କୌଣସି ପତ୍ର ଦିଆଯାଇ ନ ଥାଏ । | ତିନି ବର୍ଷ | ଯେବେ ପ୍ରସ୍ତାବିତ ବିନିମୟ ପତ୍ରର କାଳା-ବଧି ବିତିଯାଏ । |
| 17. ବାଦୀଙ୍କ ଦ୍ୱାରା ପ୍ରତିବାଦୀଙ୍କୁ ବିକ୍ରୀ କରାଯାଇଥିବା ଗଛ ଓ ବଢନ୍ତା ଫସଲର ମୂଲ୍ୟ ନିମିତ୍ତ ଯେଉଁଠାରେ କି ଉଧାର ପାଇଁ କୌଣସି ଧାର୍ଯ୍ୟକାଳ ସକାଶେ ରାଜିନାମା କରା ଯାଇ ନ ଥାଏ । | ତିନି ବର୍ଷ | ବିକ୍ରୟ ତାରିଖ । |
| 18. ପ୍ରତିବାଦୀଙ୍କ ଅନୁରୋଧ କ୍ରମେ ତାହାଙ୍କ ପାଇଁ ବାଦୀଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟର ମୂଲ୍ୟ ନିମିତ୍ତ ଯେଉଁଠାରେ କି ଅର୍ଥପ୍ରଦାନ ପାଇଁ କୌଣସି ସମୟ ଧାର୍ଯ୍ୟ କରା-ଯାଇ ନ ଥାଏ । | ତିନି ବର୍ଷ | ଯେବେ କାର୍ଯ୍ୟ ଶେଷ କରି ଦିଆଯାଏ । |
| 19. ସେହି ଧନ ନିମିତ୍ତ ଯାହାକି ଉଧାର ଦିଆଯାଇଥିବା ଧନ ବାବଦ ଦେୟ ଅଟେ । - | ତିନି ବର୍ଷ | ଯେବେ ଉଧାର ଦିଆଯାଏ । |
| 20. ଏପରି ମକଦ୍ଦମା ଯେବେ କି ଉଧାର ଦେଇଥିବା ବ୍ୟକ୍ତି ଧନ ପାଇଁ ଚେକ୍ ଦେଇଥାନ୍ତି । | ତିନି ବର୍ଷ | ଯେବେ ଚେକ୍ ପ୍ରଦତ୍ତ ହୋଇଯାଏ । |
| 21. ସେହି ଧନ ନିମିତ୍ତ ଯାହାକି ଏହି ରାଜିନାମା ଅନୁଯାୟୀ ଉଧାର ଦିଆଯାଇଥାଏ ଯେ ତାହା ତଲବ ମାତ୍ରେ ଦେୟ ହେବ । | ତିନି ବର୍ଷ | ଯେବେ ଉଧାର ଦିଆଯାଏ । |
| 22. ସେହି ଧନ ନିମିତ୍ତ, ଯାହାକି ଏହି ରାଜିନାମା ଅନୁଯାୟୀ ଜମାଦିଆଯାଉଥାଏ ଯେ ତାହା ମଗାଗଲେ ପ୍ରଦେୟ ହେବ ଯହିଁରେ ବ୍ୟାଙ୍କରଙ୍କ ହାତରେ ଥିବା ଗ୍ରାହକର ଏପରି ପ୍ରଦେୟ ଧନ ଅନ୍ତର୍ଗତ ଅଟେ । | ତିନି ବର୍ଷ | ଯେବେ ଧନ ମଗାଯାଏ । |

| (1) | (2) | (3) |
|---|---|---|
| 23. ସେହି ଧନ ନିମିତ୍ତ, ଯାହାକି ପ୍ରତିବାଦୀଙ୍କ ନିମିତ୍ତ ଦିଆଯାଇଥିବା ଧନ ବାବଦ ବାଦୀଙ୍କୁ ପ୍ରଦେୟ ଅଟେ । | ତିନି ବର୍ଷ | ଯେବେ ଧନ ଦିଆଯାଏ । |
| 24. ବାଦୀଙ୍କର ଉପଯୋଗ ପାଇଁ ପ୍ରତିବାଦୀଙ୍କ ଦ୍ୱାରା ପ୍ରାପ୍ତ ଧନ ବାବଦରେ ପ୍ରତିବାଦୀଙ୍କ ଦ୍ୱାରା ବାଦୀଙ୍କୁ ପ୍ରଦେୟ ଧନ ନିମିତ୍ତ । | ତିନି ବର୍ଷ | ଯେବେ ଧନ ପ୍ରାପ୍ତ ହୋଇଥାଏ । |
| 25. ପ୍ରତିବାଦୀଙ୍କର ବାଦୀଙ୍କୁ ଶୋଧ୍ୟ ଧନ ଉପରେ ସୁଧ ବାବଦ ପ୍ରଦେୟ ଧନ ନିମିତ୍ତ । | ତିନି ବର୍ଷ | ଯେବେ ସୁଧ ଶୋଧ୍ୟ ହୋଇଯାଏ । |
| 26. ବାଦୀ ଓ ପ୍ରତିବାଦୀଙ୍କ ମଧ୍ୟରେ ବିବରଣିତ ହିସାବ ଅନୁସାରେ ପ୍ରତିବାଦୀଙ୍କ ଦ୍ୱାରା ବାଦୀଙ୍କୁ ଯେଉଁ ଧନ ଶୋଧ୍ୟ ହୋଇଥିବାର ଦେଖାଯାଏ ସେହି ଧନ ବାବଦ ବାଦୀଙ୍କୁ ପ୍ରଦେୟ ଧନ ନିମିତ୍ତ । | ତିନି ବର୍ଷ | ଯେବେ ହିସାବ ପ୍ରତିବାଦୀଙ୍କ ଦ୍ୱାରା ବା ତାହାଙ୍କର ସେଥିନିମିତ୍ତ ସମ୍ୟକ ରୂପେ ପ୍ରାଧିକୃତ ଏଜେଣ୍ଟଙ୍କ ଦ୍ୱାରା ସ୍ୱାକ୍ଷରିତ ହିସାବରେ ବିବରଣିତ କରାଯାଏ କିନ୍ତୁ ଯେଉଁଠାରେ ଋଣ ପୂର୍ବୋକ୍ତ ମତେ ସ୍ୱାକ୍ଷରିତ ହିସାବରେ ସେହି ସମୟରେ ସମସାମୟିକ ରାଜିନାମା ଦ୍ୱାରା କୌଣସି ଭାବୀ ସମୟରେ ପ୍ରଦେୟ ହୋଇଥାଏ ସେଠାରେ ଯେତେବେଳେ ସେହି ସମୟ ଆସେ । |
| 27. ଏପରି କୌଣସି ପ୍ରତିଜ୍ଞାର ଭଙ୍ଗ ବାବଦ କ୍ଷତିପୂରଣ ନିମିତ୍ତ, ଯାହାକି ବିନିର୍ଦ୍ଦିଷ୍ଟ ସମୟରେ ବା କୌଣସି ବିନିର୍ଦ୍ଦିଷ୍ଟ ଅନିୟତ ଘଟଣା ଘଟିଲେ କୌଣସି ବିଷୟ କରିବା ପାଇଁ ହୋଇଥାଏ । | ତିନି ବର୍ଷ | ଯେବେ ବିନିର୍ଦ୍ଦିଷ୍ଟ ସମୟ ଆସେ ବା ଅନିୟତ ଘଟଣା ଘଟେ । |
| 28. ସାଧା ବନ୍ଧପତ୍ର ଉପରେ ଯେଉଁଠାରେ ଅର୍ଥ ପଦାନ ତିନି-ବର୍ଷ କରିବା ପାଇଁ ଦିନ ବିନିର୍ଦ୍ଦିଷ୍ଟ ହୋଇଥାଏ । | ତିନି ବର୍ଷ | ଏପରି ବିନିର୍ଦ୍ଦିଷ୍ଟ ଦିନ । |
| 29. ସାଧା ବନ୍ଧପତ୍ର ଉପରେ ଯେଉଁଠାରେ କି ଏପରି କୌଣସି ଦିନ ବିନିର୍ଦ୍ଦିଷ୍ଟ ହୋଇ ନ ଥାଏ । | ତିନି ବର୍ଷ | ବନ୍ଧପତ୍ର ନିଷ୍ପାଦନ କରିବା ତାରିଖ । |
| 30. ଏପରି ବନ୍ଧପତ୍ର ଉପରେ ଯାହାକି ସର୍ତ୍ତ ପ୍ରତି ସାପେକ୍ଷ ରହି ହୋଇଥାଏ । | ତିନି ବର୍ଷ | ଯେବେ ସର୍ତ୍ତ ଭଙ୍ଗ କରାଯାଏ । |
| 31. ଏପରି ବିନିମୟ ପତ୍ର ବା ପ୍ରତିଜ୍ଞା ପତ୍ର ଉପରେ ଯାହାକି ତାରିଖ ପରେ କୌଣସି ଧାର୍ଯ୍ୟ ସମୟରେ ପ୍ରଦେୟ ହୋଇଥାଏ । | ତିନି ବର୍ଷ | ଯେବେ ବିନିମୟ ପତ୍ର ବା ପ୍ରତିଜ୍ଞା ପତ୍ର ଶୋଧ୍ୟ ହୋଇଯାଏ । |
| 32. ବିନିମୟ ପତ୍ର ଉପରେ ଯାହା କି କୌଣସି ଧାର୍ଯ୍ୟ ସମୟରେ ପ୍ରଦେୟ ନ ହୋଇ ଦର୍ଶନ ମାତ୍ରେ ବା ଦର୍ଶନ ପରେ ପ୍ରଦେୟ ହୋଇଥାଏ । | ତିନି ବର୍ଷ | ଯେବେ ବିନିମୟ ପତ୍ର ଦାଖଲ କରାଯାଏ । |
| 33. ବିନିମୟ ପତ୍ର ଉପରେ ଯାହାକି କୌଣସି ବିଶିଷ୍ଟ ସ୍ଥାନରେ ପ୍ରଦେୟ ହେବା ପାଇଁ ପ୍ରତିଗୃହୀତ ହୋଇଥାଏ । | ତିନି ବର୍ଷ | ଯେବେ ବିନିମୟ ପତ୍ର ସେହି ସ୍ଥାନରେ ଦାଖଲ କରାଯାଏ । |

| | (1) | (2) | (3) |
|---|---|---|---|
| 34. | ବିନିମୟପତ୍ର ବା ପ୍ରତିଜ୍ଞାପତ୍ର ଉପରେ, ଯାହାକି ଦର୍ଶନ ତଲବ ପରେ କୌଣସି ଧାର୍ଯ୍ୟ ସମୟରେ ପ୍ରଦେୟ ହୋଇଥାଏ । | ତିନି ବର୍ଷ | ଯେବେ ସେହି ଧାର୍ଯ୍ୟ ସମୟର ଅବସାନ ହୁଏ । |
| 35. | ବିନିମୟପତ୍ର ବା ପ୍ରତିଜ୍ଞାପତ୍ର ଉପରେ ଯାହାକି ମଗା-ଗଲେ ପ୍ରଦେୟ ହୁଏ ଏବଂ ଯାହା ସହିତ ନାଲିସ୍ କରାଯିବା ଅଧିକାରକୁ ଅବରୁଦ୍ଧ ବା ମୁଲତବୀ କରୁଥିବା କୌଣସି ଲେଖା ନ ଥାଏ । | ତିନି ବର୍ଷ | ବିନିମୟପତ୍ର ବା ପ୍ରତିଜ୍ଞାପତ୍ରର ତାରିଖ । |
| 36. | ଏପରି ପ୍ରତିଜ୍ଞାପତ୍ର ବା ବନ୍ଧପତ୍ର ଉପରେ ଯାହାକି କିସ୍ତିରେ ପ୍ରଦେୟ ହୋଇଥାଏ । | ତିନି ବର୍ଷ | ଅର୍ଥ ପ୍ରଦାନର ପ୍ରଥମ ଅବଧିର ଅବସାନରେ ପ୍ରଦେୟ ଭାଗ ସଂପର୍କରେ ସେହି ସମୟ ଯେବେ କି ଉକ୍ତ କାଳର ଅବସାନ ହୋଇଯାଏ, ଏବଂ ଅନ୍ୟ ଭାଗମାନଙ୍କ ସଂପର୍କରେ ସେହି ସମୟ ଯେବେ କି ଅବଧିର ଅବସାନ ହୋଇଥାଏ । |
| 37. | ପ୍ରତିଜ୍ଞାପତ୍ର ବା ବନ୍ଧପତ୍ର ଉପରେ ଯାହାକି କିସ୍ତିରେ ପ୍ରଦେୟ ହୋଇଥାଏ ଏବଂ ଯହିଁରେ ଏହା ଉପବନ୍ଧିତ ହୋଇଥାଏ ଯେ ଯଦି ଏକ ବା ଏକାଧିକ କିସ୍ତିରେ ଅର୍ଥପ୍ରଦାନ କରିବାରେ ଖିଲପ କରାଯାଏ ତାହାହେଲେ ସଂପୂର୍ଣ୍ଣ ଶୋଧ୍ୟ ହୋଇଯିବ । | ତିନି ବର୍ଷ | ଯେବେ ଖିଲପ କରାଯାଏ, କିନ୍ତୁ ଯେଉଁଠାରେ ପ୍ରାପକ ବା ବାଧ୍ୟତାକାରୀ ଏହି ଉପବନ୍ଧର ହିତ ଅଭିତ୍ୟଜନ କରିଦିଅନ୍ତି ସେଠାରେ ସେହି ସମୟରେ ଯେବେ କି ଏପରି କୌଣସି ଖିଲପ କରାଯାଏ ଯାହା ସଂପର୍କରେ କି ଏପରି କୌଣସି ଅଭିତ୍ୟଜନ କରାଯାଇ ନ ଥାଏ । |
| 38. | ପ୍ରତିଜ୍ଞାପତ୍ର ଉପରେ ଯାହାକୁ ରଚୟିତା କୌଣସି ତୃତୀୟ ବ୍ୟକ୍ତିଙ୍କୁ ଏଥି ନିମିତ୍ତ ଦେଇଥାନ୍ତି ଯେ ସେ ପ୍ରାପକଙ୍କୁ ତାହା ଅମୁକ ଘଟଣା ଘଟିଲେ ପରିଦତ୍ତ କରିଦେବେ । | ତିନି ବର୍ଷ | ପ୍ରାପକଙ୍କୁ ପରିଦାନର ତାରିଖ । |
| 39. | ଅନାଦୃତ ବିଦେଶୀ ବିନିମୟପତ୍ର ଉପରେ ଯେଉଁ ଠାରେ କି ପ୍ରତିବାଦ କରି ଦିଆଯାଇଥାଏ ଓ ନୋଟିସ୍ ଦେଇ ଦିଆଯାଇଥାଏ । | ତିନି ବର୍ଷ | ଯେବେ ନୋଟିସ ଦିଆଯାଏ । |
| 40. | ଅପ୍ରତିଗ୍ରହଣ ଦ୍ୱାରା ଅନାଦୃତ ବିନିମୟପତ୍ରର ଲେଖକଙ୍କ ବିରୁଦ୍ଧରେ ପ୍ରାପକଙ୍କ ଦ୍ୱାରା । | ତିନି ବର୍ଷ | ପ୍ରତିଗ୍ରହଣ କରିବାକୁ ପ୍ରତ୍ୟାଖ୍ୟାନ କରିବା ତାରିଖ । |
| 41. | ସୌକର୍ଯ୍ୟପତ୍ରର ପ୍ରତିଗ୍ରହୀତାଙ୍କ ଦ୍ୱାରା ଲେଖକଙ୍କ ବିରୁଦ୍ଧରେ | ତିନି ବର୍ଷ | ଯେବେ ପ୍ରତିଗ୍ରହୀତା ସେହି ବିନିମୟପତ୍ରର ପରିମାଣ ପ୍ରଦାନ କରନ୍ତି । |
| 42. | ପ୍ରତିଭୂଙ୍କ ଦ୍ୱାରା ମୂଳ ଋଣୀଙ୍କ ବିରୁଦ୍ଧରେ । | ତିନି ବର୍ଷ | ଯେବେ ପ୍ରତିଭୂ ଋଣଦାତାଙ୍କୁ ପ୍ରଦାନ କରିଥାନ୍ତି । |
| 43. | ଜଣେ ପ୍ରତିଭୂଙ୍କ ଦ୍ୱାରା ସହ ପ୍ରତିଭୂଙ୍କ ବିରୁଦ୍ଧରେ । | ତିନି ବର୍ଷ | ଯେବେ ପ୍ରତିଭୂ ନିଜ ଅଂଶଠାରୁ ଅଧିକ ପ୍ରଦାନ କରିଥାନ୍ତି । |
| 44. | (କ) ବୀମା ପଲିସି ଉପରେ, ଯେବେ କି ମୃତ୍ୟୁର ପ୍ରମାଣ ବୀମା କର୍ତ୍ତାଙ୍କୁ ଦିଆଯିବା ବା ସେ ପ୍ରାପ୍ତ ହେବା ପରେ ବୀମାକୃତ ଧନରାଶି ପ୍ରଦେୟ ହୋଇଥାଏ । | ତିନି ବର୍ଷ | ମୃତକଙ୍କର ମୃତ୍ୟୁ ତାରିଖ କିମ୍ବା ଯେଉଁଠାରେ ପଲିସି ଉପରେ ଦାବି ଭାଗତଃ ବା ପୂର୍ଣ୍ଣତଃ ପ୍ରତ୍ୟାଖ୍ୟାନ କରାଯାଇଥାଏ ସେଠାରେ ଏପରି ପ୍ରତ୍ୟାଖ୍ୟାନର ତାରିଖ । |

| (1) | (2) | (3) |
|---|---|---|
| (ଖ) ବୀମା ପଲିସି ଉପରେ ଯେବେକି ହାନିର ପ୍ରମାଣ ବୀମାକର୍ତ୍ତାଙ୍କୁ ଦିଆଯିବା ବା ପ୍ରାପ୍ତ ହେବାପରେ ବୀମାକୃତ ଧନରାଶି ପ୍ରଦେୟ ହୋଇଥାଏ । | ତିନି ବର୍ଷ | ହାନି ଘଟାଇଥିବା ଘଟଣା ତାରିଖ କିମ୍ବା ଯେଉଁଠାରେ ପଲିସି ଉପରେ ଦାବି ଭାଗତଃ ବା ପୂର୍ଣ୍ଣତଃ ପ୍ରତ୍ୟାଖ୍ୟାନ କରାଯାଇଥାଏ ସେଠାରେ ଏପରି ପ୍ରତ୍ୟାଖ୍ୟାନର ତାରିଖ । |
| 45. ବୀମାକୃତ ଦ୍ୱାରା ସେହି ପ୍ରିମିୟମର ଅସୁଲ ନିମିତ୍ତ ଯାହାକି ବୀମାକର୍ତ୍ତାଙ୍କର ନିର୍ବାଚନରେ ଶୂନ୍ୟ କରଣୀୟ ପଲିସି ଅଧୀନରେ ଦିଆଯାଇଥାଏ । | ତିନି ବର୍ଷ | ଯେବେ ବୀମା କର୍ତ୍ତାମାନେ ପଲିସି ଶୂନ୍ୟ କରିବାକୁ ନିର୍ବାଚନ କରନ୍ତି । |
| 46. ଭାରତୀୟ ଉତ୍ତରାଧିକାର ଅଧିନିୟମ, 1925ର ଧାରା 360 ବା 361 ଅନୁଯାୟୀ ଏପରି ବ୍ୟକ୍ତିଙ୍କ ଦ୍ୱାରା ପ୍ରତି-ଦାୟ କରାଯିବାକୁ ବାଧ୍ୟ କରିବା ନିମିତ୍ତ ଯାହାକୁ କି କୌଣସି ନିଷ୍ପାଦକ ବା ପ୍ରଶାସକ ଓସିୟତ ସଂପଦା ଦେଇଥାନ୍ତି ବା ଆସ୍ତି ସବୁ ବିତରଣ କରିଦେଇଥାନ୍ତି । | ତିନି ବର୍ଷ | ଅର୍ଥ ପ୍ରଦାନ ବା ବିତରଣର ତାରିଖ । |
| 47. ଏପରି ବିଦ୍ୟମାନ ପ୍ରତିଫଳ ଉପରେ ପ୍ରଦତ୍ତ ଧନ ନିମିତ୍ତ, ଯେଉଁ ପ୍ରତିଫଳ କି ପରେ ନିଷ୍ଫଳ ହୋଇଯାଏ । | ତିନି ବର୍ଷ | ନିଷ୍ଫଳ ହେବା ତାରିଖ । |
| 48. ଅଂଶଦାନ ନିମିତ୍ତ ଏପରି ପକ୍ଷଙ୍କ ଦ୍ୱାରା ଯେକି ସଂଯୁକ୍ତ ଡ଼ିକ୍ରୀ ଅନୁଯାୟୀ ଶୋଧ୍ୟ ପୂରା ପରିମାଣ ବା ନିଜ ଅଂଶଠାରୁ ଅଧିକ ପରିମାଣ ପ୍ରଦାନ କରିଥାନ୍ତି କିମ୍ବା ଏପରି ସଂଯୁକ୍ତ କରିଥାନ୍ତି କିମ୍ବା ଏପରି ସଂଯୁକ୍ତ ମାହାଲର ଏପରି ଅଂଶଧାରୀ ଦ୍ୱାରାଙ୍କ ଯେକି ନିଜଠାରୁ ଓ ସହ ଅଂଶଧାରୀମାନଙ୍କ ଠାରୁ ଶୋଧ୍ୟ ରାଜସ୍ୱର ପୂରା ପରିମାଣ ବା ନିଜ ଅଂଶଠାରୁ ଅଧିକ ପରିମାଣର ସଂପତ୍ତି କରିଥାନ୍ତି । | ତିନି ବର୍ଷ | ବାଦୀଙ୍କର ନିଜ ଅଂଶଠାରୁ ଅଧିକ ଅର୍ଥ ପ୍ରଦାନର ତାରିଖ । |
| 49. ସହନ୍ୟାସୀଙ୍କ ଦ୍ୱାରା ମୃତ ନ୍ୟାସୀଙ୍କର ମାହାଲ ବିରୁଦ୍ଧରେ ଅଂଶଦାନର ଦାବି ପ୍ରବର୍ତ୍ତିତ କରାଇବା ନିମିତ୍ତ । | ତିନି ବର୍ଷ | ଯେବେ ଅଂଶଦାନ ପାଇଁ ଅଧିକାର ପ୍ରୋଦ୍‌ଭୂତ ହୁଏ । |
| 50. ଅବିଭକ୍ତ ପରିବାରର ସଂଯୁକ୍ତ ମାହାଲର କର୍ତ୍ତାଙ୍କ ଦ୍ୱାରା ସେହି ମାହାଲ ବାବଦ ତାହାଙ୍କ ଦ୍ୱାରା କରାଯାଇଥିବା ଅର୍ଥ ପ୍ରଦାନ ସଂପର୍କରେ ଅଂଶଦାନ ନିମିତ୍ତ । | ତିନି ବର୍ଷ | ଅର୍ଥପ୍ରଦାନ ତାରିଖ । |
| 51, ବାଦୀଙ୍କର ସ୍ଥାବର ସଂପତ୍ତିର ଲାଭ ନିମିତ୍ତ ଯାହାକି ପ୍ରତିବାଦୀଙ୍କ ଦ୍ୱାରା ଦୋଷାବହ ଭାବରେ ପ୍ରାପ୍ତ ହୋଇଥାଏ । | ତିନି ବର୍ଷ | ଯେବେ ଲାଭ ପ୍ରାପ୍ତ କରାଯାଏ । |
| 52. ବକେୟା ରେଟ୍ ନିମିତ୍ତ | ତିନି ବର୍ଷ | ଯେବେ ବକେୟା ଶୋଧ୍ୟ ହୋଇଥାଏ । |
| 53. ସ୍ଥାବର ସଂପତ୍ତିର ବିକ୍ରେତାଙ୍କ ଦ୍ୱାରା ଅପ୍ରଦତ୍ତ କ୍ରୟଧନର ବ୍ୟକ୍ତିଗତ ଅର୍ଥପ୍ରଦାନ ନିମିତ୍ତ । | ତିନି ବର୍ଷ | ବିକ୍ରୟକୁ ସଂପୂର୍ଣ୍ଣ କରିବାପାଇଁ ଧାର୍ଯ୍ୟ ସମୟ କିମ୍ବା (ଯେଉଁଠାରେ ବିକ୍ରୟକୁ ସଂପୂର୍ଣ୍ଣ କରିବା ପାଇଁ ଧାର୍ଯ୍ୟ ସମୟର ପଶ୍ଚାତ ହକ୍ ପ୍ରତିଗୃହୀତ କରାଯାଏ ସେଠାରେ) ପ୍ରତିଗ୍ରହଣ ତାରିଖ । |

| | (1) | (2) | (3) |
|---|---|---|---|
| 54. | କୌଣସି ଚୁକ୍ତିର ବିନିର୍ଦ୍ଦିଷ୍ଟ ସଂପାଦନ ନିମିତ୍ତ | ତିନି ବର୍ଷ | ସଂପାଦନ ପାଇଁ ଧାର୍ଯ୍ୟ କରାଯାଇଥିବା ତାରିଖ କିମ୍ବା ଯଦି ଏପରି ତାରିଖ ଧାର୍ଯ୍ୟ କରାଯାଇ ନଥାଏ ତାହା ହେଲେ ଯେବେ ବାଦୀଙ୍କୁ ଏହି ନୋଟିସ୍ ମିଳେ ଯେ ସଂପାଦନ କରିବା ମନାକରାଯାଇଅଛି । |
| 55. | ଏଥିରେ ବିଶେଷ ଭାବରେ ଉପବନ୍ଧିତ କରାଯାଇ ନଥିବା କୌଣସି ଅଭିବ୍ୟକ୍ତ ବା ବିବକ୍ଷିତ ଚୁକ୍ତିର ଭଙ୍ଗ ପାଇଁ କ୍ଷତି-ପୂରଣ ନିମିତ୍ତ । | ତିନି ବର୍ଷ | ଯେବେ ଚୁକ୍ତି ଭଙ୍ଗ କରାଯାଇଥାଏ କିମ୍ବା (ଯେଉଁଠାରେ ଅନୁକ୍ରମିକ ଭଙ୍ଗ ହୋଇଥାଏ ସେଠାରେ) ଯେବେ ସେହି ଭଙ୍ଗ ହୋଇଥାଏ ଯାହା ସଂପ୍ରର୍କରେ କି ମକଦ୍ଦମା ସଂସ୍ଥିତ କରାଯାଉଥାଏ କିମ୍ବା (ଯେଉଁଠାରେ ଭଙ୍ଗ ନିରନ୍ତର ହେଉଥାଏ ସେଠାରେ) ଯେବେ ସେହି ଭଙ୍ଗ ହେବା ବନ୍ଦ ହୋଇଥାଏ । |

## ଭାଗ III

### ଘୋଷଣା ସମ୍ବନ୍ଧୀୟ ମକଦ୍ଦମା

| | | | |
|---|---|---|---|
| 56. | ନିର୍ଗମ କରାଯାଇଥିବା ବା ରେଜିଷ୍ଟ୍ରୀକୃତ ବିଲେଖର ଜାଲିଆତିକୁ ଘୋଷିତ କରିବା । | ତିନି ବର୍ଷ | ଯେବେ ନିଗମ ବା ରେଜିଷ୍ଟ୍ରୀକରଣ ବାଦୀଙ୍କୁ ଜଣାପଡେ । |
| 57. | ଏହି ଘୋଷଣା ହାସଲ କରିବା ପାଇଁ ଯେ ଅଭିକଥିତ ଦତ୍ତକ-ଗ୍ରହଣ ଅବିଧିମାନ୍ୟ ଅଟେ ବା ବାସ୍ତବରେ କେବେ ହୋଇ-ନଥିଲା । | ତିନି ବର୍ଷ | ଯେବେ ଅଭିକଥିତ ଦତ୍ତକଗ୍ରହଣ ବାଦୀଙ୍କୁ ଜଣାପଡେ । |
| 58. | ଅନ୍ୟ କୌଣସି ଘୋଷଣା ହାସଲ କରିବା ନିମିତ୍ତ । | ତିନି ବର୍ଷ | ଯେବେ ନାଲିସ ଆଣିବାର ଅଧିକାର ପ୍ରଥମ ବାର ପ୍ରୋଦ୍ଭୂତ ହୁଏ । |

## ଭାଗ IV

### ଡିକ୍ରୀ ଏବଂ ବିଲେଖ ସମ୍ବନ୍ଧୀୟ ମକଦ୍ଦମା

| | | | |
|---|---|---|---|
| 59. | କୌଣସି ବିଲେଖ ବା ଡିକ୍ରୀକୁ ରଦ୍ଦ ବା ନାକଚ କରିବା ନିମିତ୍ତ ବା ଚୁକ୍ତିକୁ ବିଖଣ୍ଡିତ କରିବା ନିମିତ୍ତ । | ତିନି ବର୍ଷ | ଯେବେ ସେହି ତଥ୍ୟ ବାଦୀଙ୍କୁ ପ୍ରଥମ ବାର ଜଣାପଡେ ଯଦ୍ଦ୍ୱାରା କି ବିଲେଖ ବା ଡିକ୍ରୀକୁ ରଦ୍ଦ ବା ନାକଚ କିମ୍ବା ଚୁକ୍ତିକୁ ବିଖଣ୍ଡିତ କରାଇବାର ହକ୍ ତାହାଙ୍କୁ ପ୍ରାପ୍ତ ହୁଏ । |
| 60. | ପ୍ରତିପାଲ୍ୟର ସଂରକ୍ଷକଙ୍କ ଦ୍ୱାରା କରାଯାଇଥିବା ସଂପତ୍ତି ଅନ୍ତରଣକୁ ନାକଚ କରିବା ନିମିତ୍ତ— | ତିନି ବର୍ଷ | ଯେବେ ପ୍ରତିପାଲ୍ୟ ପ୍ରାପ୍ତ ବୟସ୍କ ହୁଅନ୍ତି । |
| | (କ) ପ୍ରତିପାଲ୍ୟଙ୍କ ଦ୍ୱାରା ଯେକି ପ୍ରାପ୍ତ ବୟସ୍କ ଅଟନ୍ତି : | | |
| | (ଖ) ପ୍ରତିପାଲ୍ୟଙ୍କର ବିଧିକ ପ୍ରତିନିଧିଙ୍କ ଦ୍ୱାରା— | | |
| | (i) ଯେବେକି ପ୍ରତିପାଲ୍ୟ ପ୍ରାପ୍ତବୟସ୍କ ହେବାର ତିନି ବର୍ଷ ଭିତରେ ମରିଯାନ୍ତି । | ତିନି ବର୍ଷ | ଯେବେ ପ୍ରତିପାଲ୍ୟ ପ୍ରାପ୍ତ ବୟସ୍କ ହୁଅନ୍ତି । |
| | (ii) ଯେବେକି ପ୍ରତିପାଲ୍ୟ ପ୍ରାପ୍ତବୟସ୍କ ହେବା ପୂର୍ବରୁ ମରିଯାନ୍ତି । | ତିନି ବର୍ଷ | ଯେବେ ପ୍ରତିପାଲ୍ୟ ମରିଯାନ୍ତି । |

| (1) | (2) | (3) |
|---|---|---|

## ଭାଗ V

### ସ୍ଥାବର ସଂପତ୍ତି ସମ୍ବନ୍ଧୀୟ ମକଦ୍ଦମା

| (1) | (2) | (3) |
|---|---|---|
| 61. ବନ୍ଧକ ଦାତାଙ୍କ ଦ୍ୱାରା— | | |
| (କ) ବନ୍ଧକ ଦିଆଯାଇଥିବା ସ୍ଥାବର ସଂପତ୍ତିର ମୋଚନ ନିମିତ୍ତ ବା ଦଖଲର ପ୍ରତ୍ୟୁଦ୍ଧରଣ ନିମିତ୍ତ । | ତିରିଶ ବର୍ଷ | ଯେବେ ମୋଚନର ବା ଦଖଲ, ପ୍ରତ୍ୟୁଦ୍ଧରଣର ଅଧିକାର ପ୍ରୋଦ୍‌ଭୂତ ହୁଏ । |
| (ଖ) ବନ୍ଧକ ଦିଆଯାଇଥିବା ଏବଂ ତତ୍ ପଶ୍ଚାତ୍ ବନ୍ଧକ ଗ୍ରହୀତାଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳାର୍ଥ ଅନ୍ତରିତ ସ୍ଥାବର ସଂପତ୍ତିର ଦଖଲର ପ୍ରତ୍ୟୁଦ୍ଧରଣ ନିମିତ୍ତ । | ବାର ବର୍ଷ | ଯେବେ ଅନ୍ତରଣ ବାଦୀଙ୍କୁ ଜଣାପଡେ । |
| (ଗ) ବନ୍ଧକ ଶୁଝଟ ହୋଇଯିବା ପରେ ବନ୍ଧକ ଗ୍ରହୀତାଙ୍କ ଦ୍ୱାରା କରାଯାଇଥିବା ଉଦ୍‌ବୃତ୍ତ ସଂଗ୍ରହଣ ମାନଙ୍କର ଅସୁଲ ନିମିତ୍ତ । | ତିନି ବର୍ଷ | ଯେବେ ବନ୍ଧକଦାତା ବନ୍ଧକ ଦିଆଯାଇଥିବା ସଂପତ୍ତି ଉପରେ ପୁନଃ ପ୍ରବେଶ କରନ୍ତି । |
| 62. ଏପରି ଧନ ପ୍ରଦାନର ପ୍ରବର୍ତ୍ତନ ନିମିତ୍ତ, ଯାହାକି ବନ୍ଧକ ଦ୍ୱାରା ପ୍ରତିଭୂତ ହୋଇଥାଏ ବା ଯାହାର ସ୍ଥାବର ସଂପତ୍ତି ଉପରେ ଅନ୍ୟଥା ଭାର ଥାଏ । | ବାର ବର୍ଷ | ଯେବେ ନାଲିସ ଧନଶୋଧ୍ୟ ହୋଇଯାଏ । |
| 63. ବନ୍ଧକ ଗ୍ରହୀତାଙ୍କ:— | | |
| (କ) ପୁରୋବନ୍ଧ ନିମିତ୍ତ | ତିରିଶ ବର୍ଷ | ଯେବେ ବଂଧକଦ୍ୱାରା ପ୍ରତିଭୂତ ଧନ ଶୋଧ୍ୟ ହୋଇଯାଏ । |
| (ଖ) ବନ୍ଧକ ଦିଆଯାଇଥିବା ସ୍ଥାବର ସଂପତ୍ତିର ଦଖଲ ନିମିତ୍ତ । | ବାର ବର୍ଷ | ଯେବେ ବନ୍ଧକଗ୍ରହୀତା ଦଖଲ ପାଇବା ପାଇଁ ହକ୍‌ଦାର ହୋଇଯାନ୍ତି । |
| 64. ସ୍ଥାବର ସଂପତ୍ତିର ଦଖଲ ନିମିତ୍ତ ଯାହାକି ପୂର୍ବବର୍ତ୍ତୀ ଦଖଲର ଆଧାର ଉପରେ ହୋଇଥାଏ ଏବଂ ହକ୍‌ର ଆଧାର ଉପରେ ହୋଇ ନ ଥାଏ, ଯେବେ କି ବାଦୀ ସଂପତ୍ତି ଉପରେ ଦଖଲ ରଖିଥିବା ଅବସ୍ଥାରେ ତାହାଙ୍କୁ ବେଦଖଲ କରିଦିଆଯାଏ । | ବାର ବର୍ଷ | ବେଦଖଲ କରାଯାଇଥିବା ତାରିଖ । |
| 65. ହକ୍‌ର ଆଧାର ଉପରେ ସ୍ଥାବର ସଂପତ୍ତିର ବା ତହିଁରେ ଥିବା କୌଣସି ହିତର ଦଖଲ ନିମିତ୍ତ । | ବାର ବର୍ଷ | ଯେବେ ପ୍ରତିବାଦୀଙ୍କର ଦଖଲ ବାଦୀଙ୍କର ପ୍ରତିକୂଳ ହୋଇଯାଏ । |
| ସ୍ପଷ୍ଟୀକରଣ—ଏହି ଅନୁଚ୍ଛେଦର ପ୍ରୟୋଜନ ନିମିତ୍ତ— | | |
| (କ) ଯେଉଁଠାରେ ମକଦ୍ଦମା ଶେଷଭୋଗୀ ବା ଭୂମ୍ୟଧିକାରୀଙ୍କଠାରୁ ଉତ୍ତରଭୋଗୀ ଓସିୟତଦାରଙ୍କ ଦ୍ୱାରା ହୋଇଥାଏ, ସେଠାରେ ପ୍ରତିବାଦୀଙ୍କର ଦଖଲ କେବଳ ତେବେ ପ୍ରତିକୂଳ ହୋଇଅଛି ବୋଲି ବିବେଚିତ ହେବ ଯେବେ କି, ଯଥାସ୍ଥିତି, ଶେଷଭୋଗୀ, ଉତ୍ତରଭୋଗୀ ବା ଓସିୟତଦରଙ୍କର ମାହାଲର ଦଖଲରେ ହକ୍ ଉଦ୍‌ଭୂତ ହେଉଥାଏ । | | |

| (1) | (2) | (3) |
|---|---|---|
| (ଖ) ଯେଉଁଠାରେ ମକଦ୍ଦମା ହିନ୍ଦୁ ବା ମୁସଲମାନ ନାରୀର ମୃତ୍ୟୁ ହେଲେ ସ୍ଥାବର ସଂପତ୍ତିର ଦଖଲର ହକ୍‌ଦାର ହିନ୍ଦୁ ବା ମୁସଲମାନ ଦ୍ୱାରା ହୋଇଥାଏ ସେଠାରେ ପ୍ରତିବାଦୀଙ୍କ ଦଖଲ କେବଳ ତେବେ ପ୍ରତିକୂଳ ହୋଇ-ଅଛି ବୋଲି ବିବେଚିତ ହେବ ଯେବେ କି ସେହି ନାରୀଙ୍କର ମୃତ୍ୟୁ ହୁଏ । | | |
| (ଗ) ଯେଉଁଠାରେ ମକଦ୍ଦମା କୌଣସି ଡ଼ିକ୍ରୀର ନିଷ୍ପାଦନରେ ହୋଇଥିବା ବିକ୍ରୟର ଖରିଦଦାରଙ୍କ ଦ୍ୱାରା ହୋଇଥାଏ, ସେଠାରେ ଯଦି ରାୟରଣୀ ବିକ୍ରୟ ତାରିଖରେ ବେଦଖଲ ହୋଇଥାନ୍ତି ତାହାହେଲେ ଖରିଦଦାର ସେହି ରାୟରଣୀଙ୍କର ପ୍ରତିନିଧି ବୋଲି ବିବେଚିତ ହେବେ, ଯେକି ବେଦଖଲ ହୋଇଥିଲେ । | | |
| 66. ସ୍ଥାବର ସଂପତ୍ତିର ଦଖଲ ନିମିତ୍ତ ଯେବେ କି ବାଦୀ କୌଣସି ସମପହରଣ ବା ସର୍ତ୍ତଭଙ୍ଗ କାରଣରୁ ଦଖଲର ହକ୍‌ଦାର ହୋଇଥାନ୍ତି । | ବାର ବର୍ଷ | ଯେବେ ସମପହରଣ ଉପଗତ ହୁଏ ବା ସର୍ତ୍ତଭଙ୍ଗ କରାଯାଏ । |
| 67. ଭୂମ୍ୟଧିକାରୀଙ୍କ ଦ୍ୱାରା, ଅଭିଧାରୀଙ୍କଠାରୁ ଦଖଲର ପ୍ରତ୍ୟୁଦ୍ଧରଣ ନିମିତ୍ତ । | ବାର ବର୍ଷ | ଯେବେ ଅଭିଧାରଣର ଅବସାନ ହୋଇ-ଯାଏ । |

## ଭାଗ VI

### ଅସ୍ଥାବର ସଂପତ୍ତି ସମ୍ବନ୍ଧୀୟ ମକଦ୍ଦମା

| (1) | (2) | (3) |
|---|---|---|
| 68. ହଜିଯାଇଥିବା ବା ଚୋରି ଦ୍ୱାରା ବା ବେଇମାନୀରେ କରା-ଯାଇଥିବା ଦୁର୍ବିନିଯୋଗ ବା ସଂପତ୍ପରିବର୍ତ୍ତନ ଦ୍ୱାରା ଅର୍ଜିତ ବିନିର୍ଦ୍ଦିଷ୍ଟ ଅସ୍ଥାବର ସଂପତ୍ତି ନିମିତ୍ତ । | ତିନି ବର୍ଷ | ଯେବେ ସଂପତ୍ତିର ଦଖଲ ଅଧିକାରୀ ବ୍ୟକ୍ତିଙ୍କୁ ସେହି ସଂପତ୍ତି କାହାର ଦଖଲରେ ଅଛି ତାହା ପ୍ରଥମବାର ଜଣାପଡ଼େ । |
| 69. ଅନ୍ୟ ବିନିର୍ଦ୍ଦିଷ୍ଟ ଅବସ୍ଥାର ସଂପତ୍ତି ନିମିତ୍ତ । | ତିନି ବର୍ଷ | ଯେବେ ସଂପତ୍ତି ଦୋଷାବହ ଭାବରେ ନିଆଯାଏ । |
| 70. ଜମାଗ୍ରହୀତା ବା ବନ୍ଧାଗ୍ରହୀତାଙ୍କଠାରେ ଜମା ଦିଆଯାଇଥିବା ବା ବନ୍ଧା ଦିଆଯାଇଥିବା ଅସ୍ଥାବର ସଂପତ୍ତିର ପ୍ରତ୍ୟୁଦ୍ଧରଣ ନିମିତ୍ତ । | ତିନି ବର୍ଷ | ମଗାଯିବା ପରେ ମନା କରାଯିବା ତାରିଖ । |
| 71. ଜମା ବା ବନ୍ଧା ରଖାଯାଇଥିବା ଏବଂ ତତ୍‌ପଶ୍ଚାତ ମୂଲ୍ୟବାନ ପ୍ରତିଫଳରେ ଜମାଗ୍ରହୀତା ବା ବନ୍ଧାଗ୍ରହୀତାଙ୍କଠାରୁ କ୍ରୟ କରାଯାଇଥିବା ଅସ୍ଥାବର ସଂପତ୍ତିର ପ୍ରତ୍ୟୁଦ୍ଧରଣ ନିମିତ୍ତ । | ତିନି ବର୍ଷ | ଯେବେ ବାଦୀଙ୍କୁ ବିକ୍ରୟ ଜଣାପଡ଼େ । |

| (1) | (2) | (3) |
| --- | --- | --- |

## ଭାଗ VII

### ଅପକୃତ୍ୟ ସମ୍ବନ୍ଧୀୟ ମକଦ୍ଦମା

| | | |
| --- | --- | --- |
| 72. ଏପରି କାର୍ଯ୍ୟ ବା ଏପରି କାର୍ଯ୍ୟର ଲୋପ କରିବାପାଇଁ କ୍ଷତିପୂରଣ ନିମିତ୍ତ ଯାହାକି ଏହି ଅଧିନିୟମର ବିସ୍ତାର ଥିବା ରାଜ୍ୟକ୍ଷେତ୍ରମାନଙ୍କରେ ତତ୍‌ସମୟେ ପ୍ରବୃତ୍ତ କୌଣସି ଅଧିନିୟମନର ଅନୁସରଣରେ ହେବା ଅଭିକଥିତ ଅଟେ । | ଏକ ବର୍ଷ | ଯେବେ ଏହି କାର୍ଯ୍ୟ ବା ଲୋପ ଘଟିତ ହୁଏ । |
| 73. ଅପ୍ରାଧିକୃତ ବନ୍ଦୀକରଣ ପାଇଁ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଯେବେ ବନ୍ଦୀକରଣର ଅନ୍ତ ହୋଇଯାଏ । |
| 74. ବିଦ୍ୱେଷପୂର୍ଣ୍ଣ ଅଭିଯୋଜନ ପାଇଁ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଯେବେ ବାଦୀ ଦୋଷମୁକ୍ତ ହୋଇଯାନ୍ତି ବା ଅଭିଯୋଜନର ଅନ୍ୟଥା ପର୍ଯ୍ୟବସାନ ହୋଇଯାଏ । |
| 75. ଅପମାନ ଲେଖା ପାଇଁ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଯେବେ ଅପମାନର ଲେଖ ପ୍ରକାଶିତ କରାଯାଏ । |
| 76. ଅପମାନ ବଚନପାଇଁ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଯେବେ ସେହି ଶବ୍ଦ ଉଚ୍ଚାରିତ ହୋଇଥାଏ ବା ଯଦି ଶବ୍ଦ ସ୍ୱୟଂ ଅଭିଯୋଜ୍ୟ ହୋଇ ନଥାଏ ତାହାହେଲେ ଯେବେ ପରିବାଦିତ ବିଶେଷ ଲୋକସାନ ଫଳୀଭୂତ ହୋଇଯାଏ । |
| 77. ବାଦୀଙ୍କର ସେବକ ବା ପୁତ୍ରୀଙ୍କୁ ବିଲୁବ୍ଧ କରିବା ଦ୍ୱାରା ହୋଇଥିବା ସେବା ହାନି ପାଇଁ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଯେବେ ହାନି ଘଟେ । |
| 78. ବାଦୀଙ୍କ ସହିତ ହୋଇଥିବା ଚୁକ୍ତିକୁ ଭଙ୍ଗ କରିବା ପାଇଁ କୌଣସି ବ୍ୟକ୍ତିଙ୍କୁ ପ୍ରଣୋଦିତ କରିବା ସକାଶେ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଭଙ୍ଗର ତାରିଖ । |
| 79. ଅବୈଧ, ଅନିୟମିତ ବା ଅତ୍ୟଧିକ ଜବ୍ଦି ପାଇଁ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଜବ୍ଦିର ତାରିଖ । |
| 80. ବୈଧ ଆଦେଶିକା ଅନୁଯାୟୀ ଅସ୍ଥାବର ସଂପତ୍ତିର ଦୋଷାବହ ଅଭିଗ୍ରହଣ ପାଇଁ କ୍ଷତିପୂରଣ ନିମିତ୍ତ । | ଏକ ବର୍ଷ | ଅଭିଗ୍ରହଣର ତାରିଖ । |
| 81. ନିଷ୍ପାଦକ, ପ୍ରଶାସନ ବା ପ୍ରତିନିଧିମାନଙ୍କ ଦ୍ୱାରା ବିଧିକ ପ୍ରତିନିଧି ମକଦ୍ଦମା ଅଧିନିୟମ, 1855 (1855 ର 12) ଅନୁଯାୟୀ । | ଏକ ବର୍ଷ | ଯେଉଁ ବ୍ୟକ୍ତିଙ୍କ ପ୍ରତି ଦୋଷ କରାଯାଇଥାଏ ତାହାଙ୍କର ମୃତ୍ୟୁ ତାରିଖ । |
| 82. ନିଷ୍ପାଦକ, ପ୍ରଶାସକ ବା ପ୍ରତିନିଧିମାନଙ୍କ ଦ୍ୱାରା ଭାରତୀୟ ସାଂଘାତିକ ଦୁର୍ଘଟଣା ଅଧିନିୟମ, 1855 (1855 ର 13) ଅନୁଯାୟୀ । | ଦୁଇ ବର୍ଷ | ମାରି ଦିଆଯାଇଥିବା ବ୍ୟକ୍ତିଙ୍କର ମୃତ୍ୟୁ ତାରିଖ । |

| (1) | (2) | (3) |
|---|---|---|
| 83. କୌଣସି ନିଷ୍ପାଦକ, ପ୍ରଶାସକ ବା ଅନ୍ୟ ପ୍ରତିନିଧିଙ୍କ ବିରୁଦ୍ଧରେ ବିଧିକ ପ୍ରତିନିଧି ମକଦ୍ଦମା ଅଧିନିୟମ, 1855 (1855ର 12) ଅନୁଯାୟୀ । | ଦୁଇ ବର୍ଷ | ଯେବେ ପରିବାଦିତ ଦୋଷ କରାଯାଏ । |
| 84. ଏପରି ବ୍ୟକ୍ତିଙ୍କ ବିରୁଦ୍ଧରେ ଯେ କି କୌଣସି ସଂପତ୍ତିର ବିନିର୍ଦ୍ଦିଷ୍ଟ ପ୍ରୟୋଜନ ପାଇଁ ଉପଯୋଗ କରିବାର ଅଧିକାର ରଖିଥାଇ ତାହାକୁ ଅନ୍ୟ ପ୍ରୟୋଜନ ନିମିତ୍ତ ଦୁରୁପଯୋଜନ କରନ୍ତି । | ଦୁଇ ବର୍ଷ | ଯେବେ ତଦ୍ୱାରା କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ଦୁରୁପଯୋଜନା ପ୍ରଥମବାର ଜଣାପଡ଼େ । |
| 85. କୌଣସି ମାର୍ଗ ବା ଜଳ ସରଣୀରେ ବାଧା ଦେବାପାଇଁ କ୍ଷତିପୂରଣ ନିମିତ୍ତ । | ତିନି ବର୍ଷ | ବାଧାର ତାରିଖ । |
| 86. ଜଳ ସରଣୀର ମାର୍ଗ ପରିବର୍ତ୍ତନ କରିବାପାଇଁ କ୍ଷତିପୂରଣ ନିମିତ୍ତ । | ତିନି ବର୍ଷ | ମାର୍ଗ ପରିବର୍ତ୍ତନର ତାରିଖ । |
| 87. ସ୍ଥାବର ସଂପତ୍ତି ଉପରେ ଅତିଗ୍ରାହ ପାଇଁ କ୍ଷତିପୂରଣ ନିମିତ୍ତ | ତିନି ବର୍ଷ | ଅତିଗ୍ରାହର ତାରିଖ । |
| 88. ପ୍ରତିଲିପି ଅଧିକାର ବା ଅନ୍ୟ କୌଣସି ବିଶେଷାଧିକାରର ଅତି ଲଙ୍ଘନ ପାଇଁ କ୍ଷତିପୂରଣ ନିମିତ୍ତ । | ତିନି ବର୍ଷ | ଅତି ଲଙ୍ଘନର ତାରିଖ । |
| 89. ଦୁର୍ବ୍ୟୟ ରୋକିବା ନିମିତ୍ତ | ତିନି ବର୍ଷ | ଯେବେ ଦୁର୍ବ୍ୟୟ ଆରମ୍ଭ ହୁଏ । |
| 90. ଦୋଷାବହଭାବରେ ହାସଲ କରାଯାଇଥିବା ବ୍ୟାଦେଶ ଦ୍ୱାରା ଘଟିଥିବା କ୍ଷତିପାଇଁ କ୍ଷତିପୂରଣ ନିମିତ୍ତ । | ତିନି ବର୍ଷ | ଯେବେ ବ୍ୟାଦେଶ ରହିତ ହୋଇଯାଏ । |
| 91. (କ) ହଜି ଯାଇଥିବା ଅଥବା ଚୋରି ଦ୍ୱାରା ବା ଅସାଧୁତା ପୂର୍ବକ କରାଯାଇଥିବା ଦୁର୍ବିନିଯୋଗ ବା ସଂପରିବର୍ତ୍ତନ ଦ୍ୱାରା ଅର୍ଜିତ ବିନିର୍ଦ୍ଦିଷ୍ଟ ଅସ୍ଥାବର ସଂପତ୍ତିକୁ ଦୋଷାବହ ଭାବରେ ବା ନିରୁଦ୍ଧ କରିବା ପାଇଁ କ୍ଷତି-ପୂରଣ ନିମିତ୍ତ । | ତିନି ବର୍ଷ | ଯେବେ ସଂପତ୍ତିର ଦଖଲର ଅଧିକାର ରଖିଥିବା ବ୍ୟକ୍ତିଙ୍କୁ ଏହା ପ୍ରଥମବାର ଜଣାପଡ଼େ କି ସଂପତ୍ତି କାହା ଦଖଲରେ ଅଛି । |
| (ଖ) କୌଣସି ଅନ୍ୟ ବିନିର୍ଦ୍ଦିଷ୍ଟ ଅସ୍ଥାବର ସଂପତ୍ତିକୁ ତିନିବର୍ଷ ଦୋଷାବହଭାବରେ ବା କ୍ଷତି କରିବା ବା ଦୋଷାବହଭାବରେ ନିରୁଦ୍ଧ କରିବା ପାଇଁ କ୍ଷତିପୂରଣ ନିମିତ୍ତ । | ତିନି ବର୍ଷ | ଯେବେ ସଂପତ୍ତି ଦୋଷାବହ ଭାବରେ ନିଆଯାଏ ବା ତାହାର କ୍ଷତି କରାଯାଏ ଅଥବା ଯେବେ ନିରୋଧ କରୁଥିବା ବ୍ୟକ୍ତିଙ୍କର ଦଖଲ ବିଧି ବିରୁଦ୍ଧ ହୋଇଯାଏ । |

## ଖଣ୍ଡ VIII

### ନ୍ୟାସ ଓ ନ୍ୟାସ ସଂପତ୍ତି ସମ୍ବନ୍ଧୀୟ ମକଦ୍ଦମା

| | | |
|---|---|---|
| 92. ନ୍ୟାସ ରୂପେ ହସ୍ତାନ୍ତରିତ ବା ଉଇଲ କରାଯାଇଥିବା ଏବଂ ତତ୍ପଶ୍ଚାତ୍ ନ୍ୟାସୀଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳାର୍ଥ ଅନ୍ତରିତ କରାଯାଇଥିବା ସ୍ଥାବର ସଂପତ୍ତି ଦଖଲର ପ୍ରତ୍ୟୁଦ୍ଧରଣ ନିମିତ୍ତ । | ବାର ବର୍ଷ | ଯେବେ ସେହି ଅନ୍ତରଣ ବାଦୀଙ୍କୁ ଜଣାପଡ଼େ । |

| (1) | (2) | (3) |
|---|---|---|
| 93. ନ୍ୟାସରୂପେ ହସ୍ତାନ୍ତରିତ ବା ଉଇଲ କରାଯାଇଥିବା ଏବଂ ତତ୍‌ପଶ୍ଚାତ ନ୍ୟାସୀଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳାର୍ଥ ଅନ୍ତରିତ କରାଯାଇଥିବା ଅସ୍ଥାବର ସଂପତ୍ତି ଦଖଲର ପ୍ରତ୍ୟୁଦ୍ଧରଣ ନିମିତ୍ତ । | ତିନି ବର୍ଷ | ଯେବେ ଅନ୍ତରଣ ବାଦୀଙ୍କୁ ଜଣାପଡ଼େ । |
| 94. ହିନ୍ଦୁ, ମୁସଲମାନ ବା ବୌଦ୍ଧ ଦେବୋତ୍ତର ବା ଦାତବ୍ୟ ବିନ୍ୟାସରେ ସମାବିଷ୍ଟ ସ୍ଥାବର ସମ୍ପତ୍ତିର ଅନ୍ତରଣକୁ ନାକଚ କରାଯିବା ନିମିତ୍ତ, ଯାହାକି ତାହାର ପରିଚାଳକଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳାର୍ଥ ଅନ୍ତରଣ କରାଯାଇଥାଏ । | ବାର ବର୍ଷ | ଯେବେ ଅନ୍ତରଣ ବାଦୀଙ୍କୁ ଜଣାପଡ଼େ । |
| 95. ହିନ୍ଦୁ, ମୁସଲମାନ ବା ବୌଦ୍ଧ ଦେବୋତ୍ତର ବା ଦାତବ୍ୟ ବିନ୍ୟାସରେ ସମାବିଷ୍ଟ ଅସ୍ଥାବର ସମ୍ପତ୍ତିର ଅନ୍ତରଣକୁ ନାକଚ କରାଇବା ନିମିତ୍ତ ଯାହାକି ତାହାର ପରିଚାଳକଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳ ଦେଇ ଅନ୍ତରଣ କରାଯାଇଥାଏ । | ତିନି ବର୍ଷ | ଯେବେ ଅନ୍ତରଣ ବାଦୀଙ୍କୁ ଜଣାପଡ଼େ । |
| 96. ହିନ୍ଦୁ, ମୁସଲମାନ ବା ବୌଦ୍ଧ ଦେବୋତ୍ତର ବା ଦାତବ୍ୟ ବିନ୍ୟାସରେ ସମାବିଷ୍ଟ ସେହି ସ୍ଥାବର ବା ଅସ୍ଥାବର ସଂପତ୍ତିର ଦଖଲର ପ୍ରତ୍ୟୁଦ୍ଧରଣ ନିମିତ୍ତ, ଯାହାକି ପୂର୍ବ ପରିଚାଳକଙ୍କ ଦ୍ୱାରା ମୂଲ୍ୟବାନ ପ୍ରତିଫଳାର୍ଥ ଅନ୍ତରିତ କରିଦିଆଯାଇଥାଏ । | ବାର ବର୍ଷ | ଅନ୍ତରକଙ୍କର ମୃତ୍ୟୁ, ତାହାଙ୍କର ଇସ୍ତଫା ବା ତାହାଙ୍କୁ ଅପସାରଣ କରିଦିଆଯିବା ତାରିଖ ବା ବିନ୍ୟାସର ପରିଚାଳକ ରୂପେ ବାଦୀଙ୍କର ନିଯୁକ୍ତି ତାରିଖ, ଉଭୟ ମଧ୍ୟରୁ ଯେଉଁଟି ପଶ୍ଚାତବର୍ତ୍ତୀ ହୋଇଥିବ । |

## ଭାଗ IX

### ବିବିଧ ବିଷୟ ସମ୍ବନ୍ଧୀୟ ମକଦ୍ଦମା

| | | |
|---|---|---|
| 97. ଅଗ୍ର କ୍ରୟାଧିକାର ପ୍ରବର୍ତ୍ତନ ନିମିତ୍ତ ସେହି ଅଧିକାର ବିଧି ବା ସାଧାରଣ ଚଳଣି ଉପରେ ଆଧାରିତ ହୋଇଥାଉ ବା ବିଶେଷ ଚୁକ୍ତି ଉପରେ ହୋଇଥାଉ । | ଏକ ବର୍ଷ | ଯେବେ ଖରିଦଦାର ସେହି ବିକ୍ରୟରେ ଯାହା ଉପରେ କି ଅଧିକ୍ଷେପ କରିବା ଇପସିତ ଅଟେ, ବିକ୍ରି କରାଯାଇଥିବା ସଂପୂର୍ଣ୍ଣ ସଂପତ୍ତି ଉପରେ ବା ତାହାର ଭାଗ ଉପରେ ଭୌତିକ ଦଖଲ କରନ୍ତି ଅଥବା ଯେଉଁଠାରେ ବିକ୍ରୟର ବିଷୟ-ବସ୍ତୁ ଏପରି ଅଟେ ଯେ ସଂପୂର୍ଣ୍ଣ ସଂପତ୍ତି ବା ତାହାର ଭାଗ ଉପରେ ଭୌତିକ ଦଖଲ ହୋଇପାରୁନଥାଏ ସେଠାରେ ଯେବେ ବିକ୍ରୟର ବିଲେଖର ରେଜିଷ୍ଟ୍ରୀ କରାଯାଏ । |
| 98. ସେହି ବ୍ୟକ୍ତିଙ୍କ ଦ୍ୱାରା ଯାହାଙ୍କ ବିରୁଦ୍ଧରେ କି ସିଭିଲ ପ୍ରକ୍ରିୟା ସଂହିତା, 1908 (1908ର 5)ର ଅର୍ଡର XXIର ନିୟମ 63 ବା ନିୟମ 103ରେ ସୂଚିତ ଆଦେଶ ବା ପ୍ରେସିଡେନ୍ସି ଲଘୁବାଦ ନ୍ୟାୟାଳୟ ଅଧିନିୟମ, 1882 (1882 ର 15)ର ଧାରା 28 ଅନୁଯାୟୀ ସେହି ଅଧିକାରକୁ ସ୍ଥାପିତ କରିବା ନିମିତ୍ତ ଆଦେଶ କରାଯାଇଥାଏ ଯେଉଁ ଅଧିକାର କି ସେହି ଆଦେଶରେ ସମାବିଷ୍ଟ ସଂପତ୍ତିରେ ଦାବି କରାଯାଇଥାଏ । | ଏକ ବର୍ଷ | ଅନ୍ତିମ ଆଦେଶର ତାରିଖ । |

| | (1) | (2) | (3) |
|---|---|---|---|
| 99. | ସିଭିଲ ବା ରାଜସ୍ୱ ନ୍ୟାୟାଳୟ ଦ୍ୱାରା କରାଯାଇଥିବା ବିକ୍ରୟକୁ ବା ସରକାରୀ ରାଜସ୍ୱର ବକେୟା ରୂପେ ବା ସେରୂପେ ଅସୁଲଯୋଗ୍ୟ କୌଣସି ମାଗଣା ପାଇଁ କରାଯାଇଥିବା ବିକ୍ରୟ ନାକଚ କରିବା ନିମିତ୍ତ । | ଏକ ବର୍ଷ | ଯେବେ ବିକ୍ରୟ କାଏମ ରହେ ବା ଯଦି ଏପରି କୌଣସି ମକଦ୍ଦମା ଅଣାଯାଇ-ନଥାନ୍ତା ତେବେ ତାହା ଅନ୍ୟଥା ଅନ୍ତିମ ଓ ନିଷ୍ପାୟକ ହୋଇଥାନ୍ତା । |
| 100. | ମକଦ୍ଦମା ଭିନ୍ନ ଯେକୌଣସି କାର୍ଯ୍ୟବିଧିରେ ସିଭିଲ ନ୍ୟାୟା-ଳୟର କୌଣସି ନିଷ୍ପତ୍ତି ବା ଆଦେଶକୁ ଅଥବା କୌଣସି ସରକାରୀ ଅଧିକାରୀଙ୍କର ନିଜ ପଦୀୟ ସାମର୍ଥ୍ୟରେ କରାଯାଇଥିବା କୌଣସି କାର୍ଯ୍ୟ ବା ଆଦେଶକୁ ପରିବର୍ତ୍ତିତ ବା ନାକଚ କରିବା ନିମିତ୍ତ । | ଏକ ବର୍ଷ | ଯଥାସ୍ଥିତି, ନ୍ୟାୟାଳୟର ଅନ୍ତିମ ନିଷ୍ପତ୍ତି ବା ଆଦେଶର ତାରିଖ ବା ଅଧିକାରୀଙ୍କର କାର୍ଯ୍ୟ ବା ଆଦେଶର ତାରିଖ । |
| 101. | ରାୟର ଆଧାର ଉପରେ ଯହିଁରେ ବିଦେଶୀ ରାୟ ମଧ୍ୟ ଅନ୍ତର୍ଗତ ଅଟେ, ବା ମୁଚାଲିକାର ଆଧାର ଉପରେ । | ତିନି ବର୍ଷ | ରାୟ ବା ମୁଚାଲିକାର ତାରିଖ । |
| 102. | ସେହି ସଂପତ୍ତି ନିମିତ୍ତ ଯାହାକି ବାଦୀ ଉନ୍ମତ୍ତ ଥିବା ସମୟରେ ହସ୍ତାନ୍ତରିତ କରିଥିଲେ । | ତିନି ବର୍ଷ | ଯେବେ ବାଦୀ ପୁନଃ ସୁସ୍ଥଚିତ୍ତ ହୋଇଯାନ୍ତି ଏବଂ ତାହାଙ୍କର ହସ୍ତାନ୍ତରଣ ସ୍ମରଣ ହୁଏ । |
| 103. | ନ୍ୟାସ ଭଙ୍ଗ ଦ୍ୱାରା ହୋଇଥିବା ହାନିକୁ ମୃତ ନ୍ୟାସୀଙ୍କର ସାଧାରଣ ମାହାଲରୁ ପ୍ରତିପୂର୍ତ୍ତି କରିବା ନିମିତ୍ତ । | ତିନି ବର୍ଷ | ନ୍ୟାସୀଙ୍କର ମୃତ୍ୟୁ ତାରିଖ ବା ଯଦି ହାନି ସେହି ସମୟରେ ହୋଇ ନ ଥାଏ ତାହାହେଲେ ହାନିର ତାରିଖ । |
| 104. | କାଳିକତଃ ଆବର୍ତ୍ତୀ ଅଧିକାରକୁ ସ୍ଥାପିତ କରିବା ନିମିତ୍ତ | ତିନି ବର୍ଷ | ଯେବେ ବାଦୀଙ୍କର ଅଧିକାରର ଉପଭୋଗ ପ୍ରଥମ ବାର ପ୍ରତ୍ୟାଖ୍ୟାତ ହୁଏ । |
| 105. | କୌଣସି ହିନ୍ଦୁଙ୍କ ଦ୍ୱାରା ଭରଣପୋଷଣର ବକେୟା ନିମିତ୍ତ | ତିନି ବର୍ଷ | ଯେବେ ବକେୟା ପ୍ରଦେୟ ହୁଏ । |
| 106. | ନିଷ୍ପାଦକ ବା ପ୍ରଶାସକଙ୍କର କିମ୍ବା ମାହାଲର ବିତରଣପାଇଁ ବୈଧ ରୂପରେ ଭାରିତ କୌଣସି ଅନ୍ୟ ବ୍ୟକ୍ତିଙ୍କର ବିରୁଦ୍ଧରେ ଓସିୟତ ନିମିତ୍ତ ବା ଓସିୟତକର୍ତ୍ତାଙ୍କ ଦ୍ୱାରା ଉଇଲ କରାଯାଇଥିବା କୌଣସି ଅବଶିଷ୍ଟର ଅଂଶ ନିମିତ୍ତ ବା ନିର୍ବସୀୟତୀଙ୍କର ସଂପତ୍ତିର ବିତରଣୀୟ ଅଂଶ ନିମିତ୍ତ । | ବାର ବର୍ଷ | ଯେବେ ଓସିୟତ ବା ଅଂଶ ପ୍ରଦେୟ ବା ପରିଦେୟ ହୋଇଯାଏ । |
| 107. | ଆନୁବଂଶିକ ପଦ ଉପରେ ସେହି ଦଖଲ ନିମିତ୍ତ .. | ବାର ବର୍ଷ | ଯେବେ ପ୍ରତିବାଦୀ ସେହି ପଦ ଉପରେ ବାଦୀଙ୍କର ପ୍ରତିକୂଳ ଦଖଲ କରି ନିଅନ୍ତି । |
| | ସ୍ପଷ୍ଟୀକରଣ—ଆନୁବଂଶିକ ପଦ ଉପରେ ସେହି ସମୟରେ ଦଖଲ ହୋଇଯାଏ ଯେବେ କି ତାହାର ସଂପତ୍ତିମାନ ପ୍ରାୟଶଃ ପ୍ରାପ୍ତ କରାଯାଏ, କିମ୍ବା (ଯେବି କୌଣସି ସଂପତ୍ତି ନଥାଏ ତାହାହେଲେ) ଯେବେ ତାହାର କର୍ତ୍ତବ୍ୟମାନ ପ୍ରାୟଶଃ ସଂପାଦନ କରାଯାଏ । | | |
| 108. | କୌଣସି ହିନ୍ଦୁ ବା ମୁସଲମାନ ନାରୀଙ୍କ ଦ୍ୱାରା କରାଯାଇଥିବା ଭୂମିର ସଂକ୍ରାମଣକୁ ତାହାର ଜୀବନ କାଳ ପର୍ଯ୍ୟନ୍ତ ବା ତାହାଙ୍କର ପୁନର୍ବିବାହ ହେବା ପର୍ଯ୍ୟନ୍ତ ଛାଡ଼ି ଶୂନ୍ୟ ଘୋଷିତ କରାଇବା ନିମିତ୍ତ ଏପରି ନାରୀଙ୍କର ଜୀବନକାଳ ମଧ୍ୟରେ ସେହି ହିନ୍ଦୁ ବା ମୁସଲମାନମାନଙ୍କଦ୍ୱାରା ମକଦ୍ଦମା ଯେକି ଭୂମି ଉପରେ ଦଖଲ କରିବାର ହକ୍‌ଦାର ହେବେ ଯଦି ମକଦ୍ଦମା ସଂସ୍ଥିତ କରାଯିବା ତାରିଖକୁ ସେହି ନାରୀଙ୍କର ମୃତ୍ୟୁ ହୋଇଯାଏ । | ବାର ବର୍ଷ | ସେହି ସଂକ୍ରାମଣ ତାରିଖ । |

| (1) | (2) | (3) |
|---|---|---|
| 109. ମିତାକ୍ଷର ବିଧି ଦ୍ୱାରା ଶାସିତ ହିନ୍ଦୁଙ୍କ ଦ୍ୱାରା ତାହାଙ୍କ ପିତାଙ୍କ ଦ୍ୱାରା କରାଯାଇଥିବା ପୈତୃକ ସଂପତ୍ତିର ସଂକ୍ରାମଣକୁ ନାକଚ କରିବା ନିମିତ୍ତ । | ବାର ବର୍ଷ | ଯେବେ ସଂକ୍ରାମଣ ଗ୍ରହୀତା ସଂପତ୍ତିର ଦଖଲ ନେଇ ନିଅନ୍ତି । |
| 110. ସେହି ବ୍ୟକ୍ତିଙ୍କ ଦ୍ୱାରା ଯେକି ଅବିଭକ୍ତ ପରିବାରର ସଂପତ୍ତିରୁ ବର୍ଜିତ ଅଟନ୍ତି ତହିଁରେ ଥିବା ଅଂଶର କୌଣସି ଅଧିକାରକୁ ପ୍ରବର୍ତ୍ତିତ କରାଇବା ନିମିତ୍ତ । | ବାର ବର୍ଷ | ଯେବେ ବର୍ଜନ ବାଦୀଙ୍କୁ ଜଣାପଡେ । |
| 111. କୌଣସି ସ୍ଥାନୀୟ ପ୍ରାଧିକାରୀଙ୍କ ଦ୍ୱାରା ବା ତାହାଙ୍କ ତରଫରୁ କୌଣସି ଲୋକମାର୍ଗ ବା ସଡକ ବା ତାହାର କୌଣସି ଭାଗ ଉପରେ ଦଖଲ ନିମିତ୍ତ, ଯହିଁରୁ କି ଯାହାକୁ ବେଦଖଲ କରି ଦିଆଯାଇଥାଏ ବା ଯାହା ଉପରେ ଦଖଲ ରଖିବା ସେ ଛାଡ଼ି ଦେଇଥାଏ । | ତିରିଶ ବର୍ଷ | ବେଦଖଲ କରାଯିବା ବା ଦଖଲ ଛାଡ଼ିଦେବା ତାରିଖ । |
| 112. କେନ୍ଦ୍ର ସରକାର ବା କୌଣସି ରାଜ୍ୟ ସରକାରଙ୍କ ଦ୍ୱାରା ବା ତାହାଙ୍କ ତରଫରୁ କୌଣସି ମକଦ୍ଦମା ଯହିଁରେ ଜାମ୍ମୁ କାଶ୍ମୀରର ରାଜ୍ୟ ସରକାର ଅନ୍ତର୍ଗତ ଅଟନ୍ତି (ଉଚ୍ଚତମ ନ୍ୟାୟାଳୟଙ୍କ ସମକ୍ଷରେ ଏହାଙ୍କର ଆରମ୍ଭିକ ଅଧିକାରିତାର ପ୍ରୟୋଗରେ କରାଯାଇଥିବା ମକଦ୍ଦମା ଭିନ୍ନ) । | ତିରିଶ ବର୍ଷ | ଯେବେ କୌଣସି ଘରୋଇ ବ୍ୟକ୍ତିଙ୍କ ଦ୍ୱାରା ଅଣାଯାଇଥିବା ଏପରି ମକଦ୍ଦମା ପରିସୀମା କାଳାବଧିର ଚଳନ ଏହି ଅଧିନିୟମ ଅନୁଯାୟୀ ଆରମ୍ଭ ହୋଇଥାଏ । |

## ଭାଗ X

### ଯେଉଁ ମକଦ୍ଦମା ନିମିତ୍ତ କୌଣସି ବିହିତ ପରିସୀମା କାଳାବଧି ନଥାଏ

| | | |
|---|---|---|
| 113. କୌଣସି ମକଦ୍ଦମା ଯାହା ନିମିତ୍ତ କୌଣସି ପରିସୀମା କାଳାବଧି ଏହି ଅନୁସୂଚୀରେ ଅନ୍ୟତ୍ର ଉପବନ୍ଧିତ ହୋଇନାହିଁ । | ତିନି ବର୍ଷ | ଯେବେ ନାଲିସ କରିବାର ଅଧିକାର ପ୍ରୋଦ୍‌ଭୂତ ହୁଏ । |

| ଅପିଲର ବର୍ଣ୍ଣନା<br>(1) | ପରିସୀମା କାଳାବଧି<br>(2) | କେଉଁ ସମୟଠାରୁ କାଳାବଧିର ଚଳନ ଆରମ୍ଭ ହୁଏ<br>(3) |
|---|---|---|
| 114. ଦୋଷମୁକ୍ତି ଆଦେଶ ବିରୁଦ୍ଧରେ ଅପିଲ । | | |
| (କ) ଦଣ୍ଡ ପ୍ରକ୍ରିୟା ସଂହିତା, 1898 (1898ର 5)ର ଧାରା 417ର ଉପଧାରା (1) ବା ଉପଧାରା (2) ଅନୁଯାୟୀ । | ନବେ ଦିନ | ସେହି ଆଦେଶର ତାରିଖ ଯାହା ବିରୁଦ୍ଧରେ ଅପିଲ କରାଯାଇଥାଏ । |
| (ଖ) ସେହି ସଂହିତାର ଧାରା 417ର ଉପଧାରା (3) ଅନୁଯାୟୀ । | ତିରିଶ ଦିନ | ବିଶେଷ ଅନୁମତି ଦେବାର ତାରିଖ । |
| 115. ଦଣ୍ଡ ପ୍ରକ୍ରିୟା ସଂହିତା, 1898 (1898 ର 5) ଅନୁଯାୟୀ । | | |
| (କ) ସେହି ମୃତ୍ୟୁ ଦଣ୍ଡାଦେଶ ବିରୁଦ୍ଧରେ ଯାହାକି ଦୌରା ନ୍ୟାୟାଳୟ ଦ୍ୱାରା ବା ଉଚ୍ଚ ନ୍ୟାୟାଳୟ ଦ୍ୱାରା ଏହାଙ୍କର ଆରମ୍ଭିକ ଦାଣ୍ଡିକ ଅଧିକାରିତାର ପ୍ରୟୋଗରେ କରାଯାଇଥାଏ । | ତିରିଶ ଦିନ | ଦଣ୍ଡାଦେଶର ତାରିଖ । |
| (ଖ) କୌଣସି ଅନ୍ୟ ଦଣ୍ଡାଦେଶ ବିରୁଦ୍ଧରେ ବା ଏପରି ଆଦେଶ ବିରୁଦ୍ଧରେ ଯାହାକି ଦୋଷମୁକ୍ତ ଆଦେଶ ହୋଇ ନ ଥାଏ । | | |
| (i) ଉଚ୍ଚ ନ୍ୟାୟାଳୟକୁ | ଷାଠିଏ ଦିନ | ଦଣ୍ଡାଦେଶ ବା ଆଦେଶର ତାରିଖ । |
| (ii) କୌଣସି ଅନ୍ୟ ନ୍ୟାୟାଳୟକୁ | ତିରିଶ ଦିନ | ଦଣ୍ଡାଦେଶ ବା ଆଦେଶର ତାରିଖ । |
| 116. ସିଭିଲ ପ୍ରକ୍ରିୟା ସଂହିତା, 1908 (1908ର 5) ଅନୁଯାୟୀ | | |
| (କ) କୌଣସି ଉଚ୍ଚ ନ୍ୟାୟାଳୟକୁ କୌଣସି ଡିକ୍ରୀ ବା ଆଦେଶ ବିରୁଦ୍ଧରେ । | ନବେ ଦିନ | ଡିକ୍ରୀ ବା ଆଦେଶର ତାରିଖ । |
| (ଖ) କୌଣସି ଅନ୍ୟ ନ୍ୟାୟାଳୟକୁ କୌଣସି ଡିକ୍ରୀ ବା ଆଦେଶ ବିରୁଦ୍ଧରେ । | ତିରିଶ ଦିନ | ଡିକ୍ରୀ ବା ଆଦେଶର ତାରିଖ । |
| 117. କୌଣସି ଉଚ୍ଚ ନ୍ୟାୟାଳୟର ଡିକ୍ରୀ ବା ଆଦେଶ ବିରୁଦ୍ଧରେ ସେହି ନ୍ୟାୟାଳୟକୁ । | ତିରିଶ ଦିନ | ଡିକ୍ରୀ ବା ଆଦେଶର ତାରିଖ । |

## ତୃତୀୟ ପ୍ରସଙ୍ଗ—ଦରଖାସ୍ତ

| ଦରଖାସ୍ତର ବର୍ଣ୍ଣନା (1) | ପରିସୀମା କାଳାବଧି (2) | କେଉଁ ସମୟଠାରୁ କାଳାବଧି ଆରମ୍ଭ ହୁଏ (3) |
|---|---|---|
| **ଭାଗ I** | | |
| ବିନିର୍ଦ୍ଦିଷ୍ଟ ମାମଲାମାନଙ୍କରେ ଦରଖାସ୍ତ | | |
| 118. ସରାସରି ପ୍ରକ୍ରିୟା ଅନୁଯାୟୀ ମକଦ୍ଦମାରେ ହାଜର ହେବା ଏବଂ ପ୍ରତିରକ୍ଷା କରିବାର ଅନୁମତି ନିମିତ୍ତ । | ଦଶ ଦିନ | ଯେବେ ସମନ ଜାରି ହୁଏ । |
| 119. ମଧ୍ୟସ୍ଥତା ଅଧିନିୟମ, 1940 (1940 ର 10) ଅନୁଯାୟୀ— | | |
| (କ) ନ୍ୟାୟାଳୟରେ ଅଧିନିର୍ଣ୍ଣୟ ଫାଇଲ କରିବା ନିମିତ୍ତ | ତିରିଶ ଦିନ | ଅଧିନିର୍ଣ୍ଣୟ ଦିଆଯିବାର ନୋଟିସ ଜାରି ତାରିଖ । |
| (ଖ) କୌଣସି ଅଧିନିର୍ଣ୍ଣୟକୁ ନାକଚ କରାଇବା ବା କୌଣସି ଅଧିନିର୍ଣ୍ଣୟକୁ ପୁନର୍ବିଗ୍ରହାର୍ଥ ପ୍ରେଷିତ କରାଇବା ନିମିତ୍ତ । | ତିରିଶ ଦିନ | ଅଧିନିର୍ଣ୍ଣୟ ଫାଇଲ କରାଯିବାର ନୋଟିସ ଜାରି ତାରିଖ । |
| 120. କୌଣସି ମୃତ ବାଦୀ ବା ଅପିଲକାରୀ ବା ମୃତ ପ୍ରତିବାଦୀ ବା ଜବାବ ଦାତାଙ୍କର ବିଧିକ ପ୍ରତିନିଧିଙ୍କୁ ସିଭିଲ ପ୍ରକ୍ରିୟା ସଂହିତା, 1908 (1908ର 5) ଅନୁଯାୟୀ ପକ୍ଷଭୁକ୍ତ କରାଇବା ନିମିତ୍ତ । | ନବେ ଦିନ | ଯଥାସ୍ଥିତ, ବାଦୀ, ଅପିଲକାରୀ, ପ୍ରତିବାଦୀ ବା ଜବାବଦାତାଙ୍କ ମୃତ୍ୟୁର ତାରିଖ । |
| 121. ସେହି ସଂହିତା ଅନୁଯାୟୀ ଉପଶମନକୁ ନାକଚ କରାଇବାର ଆଦେଶ ନିମିତ୍ତ । | ଷାଠିଏ ଦିନ | ଉପଶମନର ତାରିଖ । |
| 122. ହାଜିର ହେବାରେ ଖିଲାପ କରିବା କାରଣରୁ ବା ଅଭିଯୋଜନର ଅଭାବ କାରଣରୁ ବା ଆଦେଶିକା ଜାରିର ଖର୍ଚ୍ଚା ପ୍ରଦାନ କରିବାରେ ଖିଲାପ ବା ଖର୍ଚ୍ଚା ନିମିତ୍ତ ପ୍ରତିଭୂତି ଦେବାରେ ବିଫଳତା କାରଣରୁ ଖାରଜ କରାଯାଇଥିବା ମକଦ୍ଦମା ବା ଅପିଲ ବା ରିଭ୍ୟୁ ବା ପୁନରୀକ୍ଷଣ ପାଇଁ ଦରଖାସ୍ତ ପ୍ରତ୍ୟାବର୍ତ୍ତନ କରାଇବା ନିମିତ୍ତ । | ତିରିଶ ଦିନ | ଖାରଜ ହେବା ତାରିଖ । |
| 123. ଏକତରଫାଭବେ ପାରିତ ଡ଼ିକ୍ରୀକୁ ନାକଚ କରାଇବା ନିମିତ୍ତ ବା ଏକତରଫାଭବେ ଡିକ୍ରୀ ଦିଆଯାଇଥିବା ବା ଶୁଣାଯାଇଥିବା ପୁନଃ ଶୁଣାଣି ନିମିତ୍ତ । | ତିରିଶ ଦିନ | ଡ଼ିକ୍ରୀର ତାରିଖ ବା ଯେଉଁଠାରେ ସମନ ବା ନୋଟିସ ସମ୍ୟକ ରୂପେ ଜାରି ହୋଇ ନଥିଲା ସେଠାରେ ଡ଼ିକ୍ରୀ ଦିଆଯିବା ବିଷୟରେ ଯେବେ ଦରଖାସ୍ତକାରୀ ଜାଣିଲେ । |
| ସ୍ପଷ୍ଟୀକରଣ—ସିଭିଲ ପ୍ରକ୍ରିୟା ସଂହିତା, 1908 (1908ର 5)ର ଅର୍ଡର 5ର ନିୟମ 20 ଅନୁଯାୟୀ ପ୍ରତିସ୍ଥାପିତ ଜାରି ଏହି ଅନୁଚ୍ଛେଦର ପ୍ରୟୋଜନ ନିମିତ୍ତ ସମ୍ୟକ ଜାରି ବୋଲି ବିବେଚିତ ହେବ ନାହିଁ । | | |

| (1) | (2) | (3) |
| --- | --- | --- |
| 124. ଉଚ୍ଚତମ ନ୍ୟାୟାଳୟ ଭିନ୍ନ ଅନ୍ୟ ନ୍ୟାୟାଳୟ ଦ୍ୱାରା ରାୟର ରିଭ୍ୟୁ ନିମିତ୍ତ । | ତିରିଶ ଦିନ | ଡିକ୍ରୀ ବା ଆଦେଶର ତାରିଖ |
| 125. ଡିକ୍ରୀର ସମାଯୋଜନ ବା ଶୁଝଟ ଅଭିଲିଖିତ କରାଇବା ନିମିତ୍ତ । | ତିରିଶ ଦିନ | ଯେବେ ଅର୍ଥପ୍ରଦାନ ବା ସମାଯୋଜନ କରାଯାଏ । |
| 126. ଡିକ୍ରୀର ପରିମାଣର ଅର୍ଥପ୍ରଦାନ କିସ୍ତିରେ କରିବା ନିମିତ୍ତ | ତିରିଶ ଦିନ | ଡିକ୍ରୀର ତାରିଖ । |
| 127. ଡିକ୍ରୀର ନିଷ୍ପାଦନରେ ହୋଇଥିବା ବିକ୍ରୟକୁ ନାକଚ କରାଇବା ନିମିତ୍ତ ଆବେଦନ ଯହିଁରେ ରାୟରଣୀଙ୍କ ଦ୍ୱାରା କରାଯାଇଥିବା ଏପରି ଦରଖାସ୍ତ ଅନ୍ତର୍ଗତ ଅଟେ । | ତିରିଶ ଦିନ | ବିକ୍ରୟ ତାରିଖ । |
| 128. ସ୍ଥାବର ସଂପତ୍ତିରୁ ବେଦଖଲ କରାଯାଇଥିବା ଏବଂ ଡିକ୍ରୀ-ଦାରଙ୍କର ବା ଡିକ୍ରୀର ନିଷ୍ପାଦନରେ ହୋଇଥିବା ବିକ୍ରୟରେ ଖରିଦାରଙ୍କର ଅଧିକାର ଉପରେ ବିବାଦ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ଦଖଲ ନିମିତ୍ତ । | ତିରିଶ ଦିନ | ବେଦଖଲ କରାଯିବା ତାରିଖ । |
| 129. ଡିକ୍ରୀତ ବା ଡିକ୍ରୀର ନିଷ୍ପାଦନରେ ବିକ୍ରୀ କରାଯାଇଥିବା ସ୍ଥାବର ସଂପତ୍ତିର ଦଖଲ ପରିଦାନରେ ପ୍ରତିରୋଧ ବା ବାଧା ଦୂର କରିବା ପରେ ଦଖଲ ନିମିତ୍ତ । | ତିରିଶ ଦିନ | ପ୍ରତିରୋଧ ବା ବାଧାର ତାରିଖ । |
| 130. ନିଃସ୍ୱରୂପେ ଅପିଲ କରିବାର ଅନୁମତି ନିମିତ୍ତ— | | |
| (କ) ଉଚ୍ଚ ନ୍ୟାୟାଳୟରେ ; .. | ଷାଠିଏ ଦିନ | ଡିକ୍ରୀର ତାରିଖ, ଯାହାର ଅପିଲ କରାଯାଇଅଛି । |
| (ଖ) ଅନ୍ୟ ଯେ କୌଣସି ନ୍ୟାୟାଳୟରେ .. | ତିରିଶ ଦିନ | ଡିକ୍ରୀର ତାରିଖ, ଯାହାର ଅପିଲ କରାଯାଇଅଛି । |
| 131. ସିଭିଲ ପ୍ରକ୍ରିୟା ସଂହିତା, (1908) (1908ର 5)ର ବା ଦଣ୍ଡ ପ୍ରକ୍ରିୟା ସଂହିତା, 1898 (1898ର 5) ଅନୁଯାୟୀ ପୁନରୀକ୍ଷଣ ପାଇଁ ଏହାଙ୍କର ଥିବା କ୍ଷମତା ପ୍ରଯୋଗ ନିମିତ୍ତ କୌଣସି ନ୍ୟାୟାଳୟରେ । | ନବେ ଦିନ | ଯେଉଁ ଡିକ୍ରୀ ବା ଆଦେଶ ବା ଦଣ୍ଡାଦେଶର ପୁନରୀକ୍ଷଣ ଇପ୍‌ସିତ ଅଟେ ତାହାର ତାରିଖ । |
| 132. ସମ୍ବିଧାନର ଅନୁଚ୍ଛେଦ 132ର ଖଣ୍ଡ (1), ଅନୁଚ୍ଛେଦ 133 ବା ଅନୁଚ୍ଛେଦ 134ର ଖଣ୍ଡ (1)ର ଉପଖଣ୍ଡ (ଗ) ଅନୁଯାୟୀ ବା ତତ୍‌ସମୟ ପ୍ରବୃତ୍ତ ଅନ୍ୟ ଯେକୌଣସି ବିଧି ଅନୁଯାୟୀ ଉଚ୍ଚତମ ନ୍ୟାୟାଳୟରେ ମାମଲା ଅପିଲ ଯୋଗ୍ୟ ଅଟେ ବୋଲି ପ୍ରାମଣପତ୍ର ପାଇଁ ଉଚ୍ଚ ନ୍ୟାୟାଳୟକୁ । | ଷାଠିଏ ଦିନ | ଡିକ୍ରୀ, ଆଦେଶ ବା ଦଣ୍ଡାଦେଶର ତାରିଖ । |
| (କ) ସେହି ମାମଲାରେ ଯହିଁରେ କି ମୃତ୍ୟୁ ଦଣ୍ଡାଦେଶ ଅନ୍ତର୍ଭୁକ୍ତ ଅଟେ । | ଷାଠିଏ ଦିନ | ରାୟ, ଅନ୍ତିମ ଆଦେଶ ବା ଦଣ୍ଡାଦେଶର ତାରିଖ । |
| (ଖ) ସେହି ମାମଲାରେ ଯହିଁରେ କି ଉଚ୍ଚ ନ୍ୟାୟାଳୟ ଅପିଲ ପାଇଁ ଅନୁମତି ଦେବାକୁ ମନା କରିଥିଲେ । | ଷାଠିଏ ଦିନ | ମନା କରାଯିବା ଆଦେଶର ତାରିଖ । |
| (ଗ) ଅନ୍ୟ ଯେ କୌଣସି ମାମଲାରେ .. | ନବେ ଦିନ | ରାୟ ବା ଆଦେଶର ତାରିଖ । |

| (1) | (2) | (3) |
|---|---|---|
| 133. ଉଚ୍ଚତମ ନ୍ୟାୟାଳୟରେ ଅପିଲ କରିବା ପାଇଁ ବିଶେଷ ଅନୁମତି ନିମିତ୍ତ— | | |
| (କ) ସେହି ମାମଲାରେ ଯହିଁରେ କି ମୃତ୍ୟୁ ଦଣ୍ଡାଦେଶ ଅନ୍ତର୍ଭୁକ୍ତ ଅଟେ । | ଷାଠିଏ ଦିନ | ରାୟ, ଅନ୍ତିମ ଆଦେଶ ବା ଦଣ୍ଡାଦେଶର ତାରିଖ । |
| (ଖ) ସେହି ମାମଲାରେ ଯହିଁରେ କି ଉଚ୍ଚ ନ୍ୟାୟାଳୟ ଅପିଲ ପାଇଁ ଅନୁମତି ଦେବାକୁ ମନା କରିଥିଲା । | ଷାଠିଏ ଦିନ | ମନା କରାଯିବା ଆଦେଶର ତାରିଖ । |
| (ଗ) ଅନ୍ୟ ଯେ କୌଣସି ମାମଲାରେ । | ନବେ ଦିନ | ରାୟ ବା ଆଦେଶର ତାରିଖ । |
| 134. ଡିକ୍ରୀର ନିଷ୍ପାଦନରେ ହୋଇଥିବା ବିକ୍ରୟରେ ସ୍ଥାବର ସଂପତ୍ତିର ଖରିଦଦାରଙ୍କ ଦ୍ୱାରା ଦଖଲ ପରିଦାନ ନିମିତ୍ତ । | ଏକ ବର୍ଷ | ଯେବେ ବିକ୍ରୟ ପକ୍କା ହୋଇଯାଏ । |
| 135. ଆଜ୍ଞାତ୍ମକ ବ୍ୟାଦେଶ ମଂଜୁର କରୁଥିବା ଡିକ୍ରୀର ପ୍ରବର୍ତ୍ତନ ନିମିତ୍ତ । | ତିନି ବର୍ଷ | ଡିକ୍ରୀର ତାରିଖ ବା ଯେଉଁଠାରେ ସଂପାଦନ ନିମିତ୍ତ ତାରିଖ ଧାର୍ଯ୍ୟ ହୋଇଥାଏ ସେଠାରେ ସେହି ତାରିଖ । |
| 136. ସିଭିଲ ନ୍ୟାୟାଳୟର (ଆଜ୍ଞାତ୍ମକ ବ୍ୟାଦେଶ ମଂଜୁର କରୁଥିବା ଡିକ୍ରୀ ଭିନ୍ନ ଅନ୍ୟ) ଯେ କୌଣସି ଡିକ୍ରୀ ବା ଆଦେଶର ନିଷ୍ପାଦନ ନିମନ୍ତେ । | ବାର ବର୍ଷ | ଯେବେ ଡିକ୍ରୀ ବା ଆଦେଶ ପ୍ରବର୍ତ୍ତନୀୟ ହୋଇଯାଏ ଅଥବା ଯେଉଁଠାରେ ଡିକ୍ରୀ ବା କୌଣସି ପରବର୍ତ୍ତୀ ଆଦେଶ କୌଣସି ନିର୍ଦ୍ଦିଷ୍ଟ ତାରିଖରେ ବା ଆବର୍ତ୍ତୀ କାଳାବଧି-ମାନଙ୍କରେ କୌଣସି ଧନ ପ୍ରଦାନ କରିବା ବା କୌଣସି ସଂପତ୍ତିର ପରିଦାନ କରିବା-ପାଇଁ ନିର୍ଦ୍ଦେଶ ଦେଉଥାଏ ସେଠାରେ ଯେବେ ସେହି ଅର୍ଥପ୍ରଦାନ ବା ପରିଦାନ କରାଇବାରେ ଖିଲାପ ହୁଏ ଯାହାର କି ନିଷ୍ପାଦନ କରାଇବାର ପ୍ରୟାସ ହେଉଥାଏ :<br>ପରନ୍ତୁ ଶାଶ୍ୱତ ବ୍ୟାଦେଶ ମଞ୍ଜୁର କରୁଥିବା ଡିକ୍ରୀର ପ୍ରବର୍ତ୍ତନ ବା ନିଷ୍ପାଦନ ନିମିତ୍ତ ଦରଖାସ୍ତ କୌଣସି ପରିସୀମା କାଳାବଧି ପ୍ରତି ସାପେକ୍ଷ ହେବ ନାହିଁ । |

## ଭାଗ II

### ଅନ୍ୟାନ୍ୟ ଆବେଦନ

| | | |
|---|---|---|
| 137. ଅନ୍ୟ କୌଣସି ଆବେଦନ ଯାହାପାଇଁ ଏହି ପ୍ରଭାଗରେ ଅନ୍ୟତ୍ର କୌଣସି ପରିସୀମା କାଳାବଧି ଉପବନ୍ଧିତ ହୋଇନାହିଁ । | ତିନି ବର୍ଷ | ଯେବେ ଆବେଦନ କରିବାର ଅଧିକାର ପ୍ରୋଦ୍ଭୂତ ହୁଏ । |